## ହାତୀ ଆକ୍ରମଣରେ ଯୁବକ ଗୁରୁତର

**ଖୁଣ୍ଟୁଣୀ,(ଡି.ଏନ୍.ଏ.):** ଦନ୍ତାହାତୀ ଆକ୍ରମଣରେ ଗୁରୁଡିଝାଟିଆ ଥାନା ଅଧୀନ ଦଣ୍ଡାପଡିଆ ଗ୍ରାମର ସୋମା ହେମ୍ବ୍ରମ ନାମକ ଯୁବକ ଗୁରୁତର ହୋଇଛନ୍ତି। ରବିବାର ସନ୍ଧ୍ୟାରେ ସେ ନିକଟରେ ଥିବା ଚାଷଜମି ଜଗିବା ପାଇଁ ଯାଉଥିଲେ। ଏହି ସମୟରେ ନିକଟସ୍ଥ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରୁ ଏକ ହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା ଅନ୍ୟ ଲୋକମାନେ ଏ ସମ୍ପର୍କରେ ଖୁଣ୍ଟୁଣୀ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର ପହଞ୍ଚି ସୋମାଙ୍କୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲେ। ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବିଭାଗ ବହନ କରିବ ବୋଲି ମାଥୁର କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନାଗରିକ ଏକତା ପରିଷଦ ପକ୍ଷରୁ ଡ.ବି.ଆର ଆମ୍ବେଦକରଙ୍କ ମହାପରିନିର୍ବାରଣ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ, ଏ.ଜି.ଛକ, ସକାଳ ୮ଟା।
- ଅଲ୍‌ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ସପ୍ତମ ଚିଲିକା ସେଲଡକ୍ ଫଙ୍କ୍ କାର୍ନିଭାଲ, ଏକ୍ସଲାନ୍ସି ରିଶୋର୍ଟସ ପ୍ରାଇଭେଟ ଲିମିଟେଡ, ଅଶୋକ ନଗର, ସନ୍ଧ୍ୟା ୫ଟା ୩୦।

## ସଂକ୍ଷେପରେ

### ଖୋର୍ଦ୍ଧାରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ଶୀଘ୍ର ଜମି ହସ୍ତାନ୍ତର କରନ୍ତୁ

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** 'ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ' ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ରାଜ୍ୟ ସଭାରେ ଦେଇଥିବା ବିଭ୍ରାନ୍ତିକର ବିବୃତ୍ତିକୁ ନେଇ ତୀବ୍ର ସମାଲୋଚନା କରିଛି ଓଡିଶା ନାଗରିକ ମହାମଞ୍ଚ, କଳିଙ୍ଗ ପାଇକ ସଂଗଠନ। କେନ୍ଦ୍ରମନ୍ତ୍ରୀଙ୍କ ଏହି ମିଥ୍ୟା ବିବୃତ୍ତି ସମଗ୍ର ସ୍ୱାଭିମାନୀ ଓଡିଶାବାସୀଙ୍କୁ ଅସମ୍ମାନିତ ଓ ଅପମାନିତ କରିଛି। ରାଜ୍ୟ ସରକାର ଚିଠି ସହିତ ଯୋଗ୍ୟ ଐତିହାସିକ ତଥ୍ୟ କେନ୍ଦ୍ର ସରକାରଙ୍କୁ ଯୋଗାନ୍ତୁ ବୋଲି ପ୍ରଦ୍ୟୁମ୍ନ ଶତପଥୀଙ୍କ ସହିତ କଳିଙ୍ଗ ପାଇକ ସଂଗଠନର ପ୍ରଫୁଲ କୁମାର ବାହୁବଳେନ୍ଦ୍ର, ମୋହନ ସୁନ୍ଦରଦଳସିଂରାୟ, ଅମରେନ୍ଦ୍ର ମହାପାତ୍ର, ବେଣୁଧର ହରିଚନ୍ଦନ, ଯନ୍ତ୍ରୀ ଶିଶିର ନାୟକ ପ୍ରମୁଖ କହିଛନ୍ତି। ବିଭିନ୍ନ ଘଟଣା ଓ ଉଦାହରଣ ଦେଇ ଏମାନେ 'ପାଇକ ବିଦ୍ରୋହ ୧୮୫୭ ଭାରତ ଇତିହାସର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ବୋଲି ଦାବି କରିଛନ୍ତି। ଏଥିସହ ସେମାନେ ଖୋର୍ଦ୍ଧାରେ ପାଇକ ସ୍ମାରକୀ ନିର୍ମାଣ ଶୀଘ୍ର କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ର ସରାକରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ୧୨ ଓ ୨୨ ନଭେମ୍ବର ୨୦୨୧ରେ ଦେଇଥିବା ଚିଠିରୁ ଜଣାପଡ଼ିଛି କି ସ୍ମାରକୀ ନିର୍ମାଣ ପାଇଁ ଜାଗା ହସ୍ତାନ୍ତର ହୋଇପାରି ନାହିଁ। ଏ ବାବଦରେ ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କୁ ବିନା ମୂଲ୍ୟରେ ଜାଗା ହସ୍ତାନ୍ତର କରନ୍ତୁ ଏବଂ କେନ୍ଦ୍ର ସରକାର ଅବିଳମ୍ବେ ପାଇକ ସ୍ମାରକୀର କାର୍ଯ୍ୟ ଆରମ୍ଭ କରନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି।

### ମନ୍ତ୍ରୀଙ୍କ ଦ୍ୱାରା ଗିରିକନ୍ୟା' ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ପଣ୍ଡିତ ପ୍ରବୋଧ ମିଶ୍ରଙ୍କ ଦ୍ୱାରା ଲିଖିତ 'ଗିରି କନ୍ୟା' ପୁସ୍ତକ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମହାକବି କାଳିଦାସଙ୍କ କୁମାର ସମ୍ଭବ କାବ୍ୟରେ ଶିବପ୍ରାପ୍ତି ପାଇଁ ପାର୍ବତୀଙ୍କ କଠୋର ତପସ୍ୟା ଏଥିରେ ବର୍ଣ୍ଣିତ। ମନ୍ତ୍ରୀ ଦାଶ କହିଥିଲେ, ସଂସ୍କୃତ ରଚନା ପାଇଁ ପଣ୍ଡିତ ମିଶ୍ର ଓଡ଼ିଶା ଓ ଦେଶରେ ପରିଚିତ। ସଂସ୍କୃତ ଶିକ୍ଷାର ବିକାଶ ଆଜିର ଆବଶ୍ୟକତା ରହିଛି। ଏହି ଅବସରରେ ପଣ୍ଡିତ ମିଶ୍ର କହିଥିଲେ, କାଳିଦାସଙ୍କ ସଂସ୍କୃତ ରଚନା ଉପମାମୟ। ମନ୍ତ୍ରୀ ଦାଶ ସଂସ୍କୃତି ଓ ସଂସ୍କୃତର ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହି ଉତ୍ସବରେ ପ୍ରକାଶକ ଶୁଭାଶିଷ କର ଓ ଶିବାଶିଷ କର, ଆଇନଜୀବୀ ରବୀନ୍ଦ୍ର କୁମାର ନନ୍ଦ, ପଣ୍ଡିତ ନରସିଂହ ଜେନା, ପରିଚାଳକ ସ୍ୱାଇଁ, ସାମ୍ବାଦିକ ନିର୍ମଳ ଚନ୍ଦ୍ର ମଲ୍ଲିକ, ମନ୍ତ୍ରୀଙ୍କ ସଚିବ ବିଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକ୍ ତଥ୍ୟ ଉପସ୍ଥାପନ ହୋଇନାହିଁ

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିବା ପ୍ରସଙ୍ଗ**

- ଆଜି ୬ ସ୍ଥାନରେ ପାଳନ ହେବ ବଳିଦାନ ଦିବସ
- ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସୁ : ଜଟାଧାରୀ

**ଖୋର୍ଦ୍ଧା ଅଫିସ,୫।୧୨**

୧୮୧୭ ପାଇକ ବିଦ୍ରୋହକୁ ରାଜ୍ୟ ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୂପେ ଘୋଷଣା କରିବା ପାଇଁ ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଛନ୍ତି। ଏହି ଐତିହାସିକ ସଂଗ୍ରାମ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପାଖରେ ଠିକ୍ ଭାବେ ତଥ୍ୟ ଉପସ୍ଥାପନ କରାଯାଇପାରିନାହିଁ। ଏ ବିଷୟରେ ପରିଷଦ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଉନାହିଁ ବୋଲି ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସମ୍ପାଦକ ଡ. ଜଟାଧାରୀ ମିଶ୍ର କହିଛନ୍ତି। ଡ. ମିଶ୍ର କହିଛନ୍ତି, ସୋମବାର ପରିଷଦ ଆନୁକୂଲ୍ୟରେ ଶହୀଦ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ରାଜ୍ୟ ତଥା ରାଜ୍ୟ ବାହାରେ ପାଳନ କରାଯିବା ପାଇଁ ସ୍ଥିର ହୋଇଛି। ବିଭିନ୍ନ ସ୍ଥାନରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ସ୍ଥାନୀୟ ସଭ୍ୟମାନଙ୍କୁ ଅନୁରୋଧ କରାଯାଇଛି। ଚଳିତବର୍ଷ ପ୍ରଥମଥର ଓଡ଼ିଶାର ୬ଟି ଉଚ୍ଚ ବିଦ୍ୟାଳୟରେ ଶହୀଦ ଦିବସ ପାଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିସହ ଜୟୀରାଜଗୁରୁଙ୍କ ସହ ପାଇକ ବିଦ୍ରୋକୁ ନେଇ ନିଜ ମତ ରଖିଛନ୍ତି। ପ୍ରଥମତଃ ପାଇକ ବିଦ୍ରୋହର ସମୟ କାଳ (ଅର୍ଥାତ ଆରମ୍ଭ ଓ ଶେଷ) ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ। ଦ୍ୱିତୀୟତଃ, ଏଥିରେ କେବଳ ବକ୍ସି ଜଗବନ୍ଧୁଙ୍କୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏହି ଆନ୍ଦୋଳନରେ ୧୭୧ ଜଣଙ୍କୁ ମୃତ୍ୟୁଦଣ୍ଡ, ଆଜୀବନ କାରାବାସ, ଦେଶାନ୍ତର ଓ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ବିଷୟ ପରିଷଦ ବାରମ୍ବାର ଉତ୍ଥାପନ କରିଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇନାହିଁ। ତୃତୀୟତଃ, ପାଇକ ବିଦ୍ରୋହ ଉପରେ ଆଇସିଏଚ୍‌ଆର୍, ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ ଯେଉଁ ବିଷୟ ସ୍ଥାନିତ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି, ତାହା ସ୍ୱାଗତଯୋଗ୍ୟ। କିନ୍ତୁ ବାସ୍ତବ ତଥ୍ୟ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସି ନ ଥିବାରୁ ଏହାକୁ ପୁନରାୟ ଅନୁସନ୍ଧାନ କରାଯାଇ ରିପୋର୍ଟ ଆସିବା ପରେ ପାଠ୍ୟକ୍ରମରେ ସ୍ଥାନିତ କରାଯିବାକୁ ପରିଷଦ ନିବେଦନ କରୁଛି।

ପରିଷଦର ମତ ଯେ, ୧୮୦୩ ଅକ୍ଟୋବର ୧୪ରେ ଇଂରେଜମାନେ କଟକ ବାରବାଟୀ ଦୁର୍ଗ ଦଖଲ କରି ବିଜୟ ଦିବସ ଘୋଷଣା କରିବା ପରେ ୧୧-୦୩-୧୮୦୪ରେ ୨ହଜାରରୁ ଊର୍ଦ୍ଧ୍ୱ ପାଇକ କର୍ନେଲ ହାରକୋର୍ଟଙ୍କୁ କଟକରେ ଘେରାଉ କରି ସେମାନଙ୍କ ହକ ଓଡ଼ିଶା ରାଜ୍ୟ ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମସ୍ତ ପ୍ରଗଣାକୁ ଫେରାଇ ଦେବା ପାଇଁ ଦାବି କରିଥିଲେ। କିନ୍ତୁ କର୍ନେଲ ତାହା ଗ୍ରହଣ ନ କରିବାରୁ ଜୟୀ ରାଜଗୁରୁ ଯୁଦ୍ଧ ଡାକରା ଦେଇଥିଲେ। ତେଣୁ ବାସ୍ତବ କ୍ଷେତ୍ରରେ ପାଇକ ବିଦ୍ରୋହର ପ୍ରଥମ ଦିନ ଥିଲା ୧୮୦୪ ମାର୍ଚ୍ଚ ୧୧। ତେବେ ଏହି ବିଦ୍ରୋହ ୧୮୧୭ରେ ବକ୍ସିଙ୍କ ନେତୃତ୍ୱରେ ଅଧିକ ଭୟାବହ ରୂପ ଧାରଣ କରିଥିଲା। କିନ୍ତୁ ୧୮୨୫ରେ ବକ୍ସି ଆତ୍ମସମର୍ପଣ କରିବା ଦ୍ୱାରା ପାଇକ ବିଦ୍ରୋହର ଅବସାନ ହେଲା। ୧୮୦୪ରୁ ୧୮୨୫ ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ଧରି ପାଇକ ବିଦ୍ରୋହ ଚାଲିଥିଲା। କିନ୍ତୁ ଏ ବିଷୟରେ ବିଶେଷ ଆଲୋକପାତ କରାଯାଇନାହିଁ। ଏଣୁ ରାଜ୍ୟ ସରକାର ଐତିହାସିକ, ଗବେଷକ ଏବଂ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକଠାରୁ ତଥ୍ୟ ସଂଗ୍ରହ କରି କେନ୍ଦ୍ର ନିକଟରେ ପୁନର୍ବାର ଦାବି ଉପସ୍ଥାପନ କରନ୍ତୁ ବୋଲି ମିଶ୍ର ମତ ପ୍ରକାଶ କରିଛନ୍ତି।



ବାଲୁଗାଁ: ବାତ୍ୟା 'ଜୱାଦ' ପ୍ରଭାବରେ ରବିବାର ସକାଳେ ଅଶାନ୍ତ ହୋଇପଡିଥିବା ଚିଲିକା।

## ଆଜିଠୁ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବାରଙ୍ଗ,୫।୧୨(ଡି.ଏନ୍.ଏ.)**

କଲ୍ୟାଣପୁର ପଞ୍ଚାୟତସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଗଣ୍ଡରପୁର ଖେଳପଡ଼ିଆରେ ସୋମବାରଠାରୁ ସର୍ବ ଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ସହରାଞ୍ଚଳ ବିଭାଗରେ ମୋଟ୍ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଚାମ୍ପିୟନ ଟିମକୁ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଟିମ୍‌କୁ ୪୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିପରି ଗ୍ରାମାଞ୍ଚଳ ବିଭାଗରେ ଗୋପାଳପୁର, ଟାଙ୍ଗୀବନ୍ତ, ନରଣପୁର, ବରାହିପୁର, ପ୍ରତାପନଗରୀ, ଉସୁମା ଟିମ୍ ଅଂଶଗ୍ରହଣ କରିବେ ବୋଲି କ୍ଲବର କ୍ରୀଡା ସମ୍ପାଦକ ଯୁବରାଜ ପଡିହାରି କହିଛନ୍ତି। ଗ୍ରାମାଞ୍ଚଳ ଚାମ୍ପିୟନ ଟିମକୁ ୩୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଟିମକୁ ୨୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୨ତାରିଖରେ ଉଦ୍‌ଯାପିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ବ୍ୟାଟେରି ଚାଳିତ ବାଇକ୍ ଓ ସହରାଞ୍ଚଳ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ହିରୋହୋଣ୍ଡା ବାଇକ୍ ପ୍ରଦାନ କରାଯିବ ବୋଲି ଗଣ୍ଡରପୁର ୟୁନାଇଟେଡ଼ ସ୍ପୋର୍ଟିଂ କ୍ଲବର ସମ୍ପାଦକ ମାନସ ପଡିହାରୀ କହିଛନ୍ତି।

# ପରିବାରକୁ ୮ଲକ୍ଷ କ୍ଷତିପୂରଣ, ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ଅସ୍ତରଙ୍ଗ ଯୁବକଙ୍କ ହାଜତ ମୃତ୍ୟୁ ଘଟଣା**

**ଖୋର୍ଦ୍ଧା ଅଫିସ, ୫।୧୨**

ପୁରୀ ଜିଲା ଅସ୍ତରଙ୍ଗ ଥାନା ପୋଲିସ ମାଡ଼ରେ ଗୁରୁତର ଆହତ ହୋଇଥିବା ଯୋଗେନ୍ଦ୍ର ଦାସ (୪୦)ଙ୍କର ଗତ ୨୦୧୮ ନଭେମ୍ବର ୨୮ରେ ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ଯୋଗେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ମୃତକଙ୍କ ପରିବାରଙ୍କୁ ୮ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ ୬ସପ୍ତାହ ମଧ୍ୟରେ ତଦନ୍ତ ସମ୍ପର୍କିତ ରିପୋର୍ଟ ଦାଖଲ ଲାଗି ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଏକ ମାମଲାରେ ଅସ୍ତରଙ୍ଗ ପୋଲିସ ୨୦୧୮ ନଭେମ୍ବର ୧୪ରେ ଯୋଗେନ୍ଦ୍ରଙ୍କୁ ଉଠାଇ ଆଣି ଥାନାରେ ନିଷ୍ଠୁର ମାଡ଼ ମାରିଥିଲା। ତାଙ୍କୁ ଚିକିତ୍ସା ନ କରାଇ ନିମାପଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ୧୬ ତାରିଖରେ ସେ ଜାମିନରେ ମୁକୁଳିଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା।

# ଅବହେଳା ଯୋଗୁ ମାଟି ମା' ରୋଗଗ୍ରସ୍ତ

**ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ**

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ କୃଷି ଭବନଠାରେ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହାକୁ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ମାଟିକୁ ମା' ସହିତ ତୁଳନା କରି ମନ୍ତ୍ରୀ କହିଲେ, ମୁଠାଏ ମାଟି ସୃଷ୍ଟି ହେବା ପାଇଁ ୧୦ ସହସ୍ର ବର୍ଷ ଲାଗିଥାଏ। କିନ୍ତୁ ଆଜି ସେହି ମାଟି ମା' ଅଯତ୍ନ ଓ ଅବହେଳା ପାଇଁ ଅସୁସ୍ଥ ଓ ରୋଗାଗ୍ରସ୍ତ। ରାଜ୍ୟର ପ୍ରାୟ ୭ଟି ଜିଲାରେ ୨.୫ ଲକ୍ଷ ହେକ୍ଟର ଲବଣାକ୍ତ ସମୁଦ୍ରକୂଳିଆ ଅଞ୍ଚଳ ରହିଛି। ଏହି ଅଞ୍ଚଳରେ କୃଷିର ଉନ୍ନତି ପାଇଁ ଗବେଷଣା ନିତାନ୍ତ ଦରକାର। ଏଥିପାଇଁ ସେ ଓୟୁଏଟିର କୁଳପତିଙ୍କୁ ପ୍ରଚେଷ୍ଟା କରିବା ପାଇଁ ଅନୁରୋଧ କରିଥିଲେ। ଏଥିସହ ଓୟୁଏଟି, ସୋଆ କୃଷି ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ୍ କୃଷି ବିଶ୍ୱବିଦ୍ୟାଳୟ ଆଦି ସମସ୍ତଙ୍କୁ ଏକତ୍ରିତ କରି ମାଟି ସୁସ୍ଥତା ବିଷୟରେ ଏକ ସମ୍ମିଳନୀ କରିବା ପାଇଁ ପରାମର୍ଶ ଦେଇଥିଲେ।

ବିଭାଗର ଶାସନ ସୁରେଶ କୁମାର ସଚିବ ବଶିଷ୍ଠ କହିଲେ, ମାଟିର ସୁସ୍ଥତା ବଜାୟ ରଖିବା ପାଇଁ ଜନସଚେତନତା ଆବଶ୍ୟକ। ଏଥିସହ ବିଭାଗର ସମସ୍ତ ଉତ୍ପାଦନଭିତ୍ତିକ ଯୋଜନାରେ ମାଟି ସ୍ୱାସ୍ଥ୍ୟ ପରିଚାଳନା ଓ ବିଭିନ୍ନ ରୁଗ୍‌ଣ ମାଟିର ସୋଧନ ଏବଂ ଏହାର ଉତ୍ପାଦିକା ଶକ୍ତି ବୃଦ୍ଧି ବିଷୟରେ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ସ୍ୱାଗତ ଭାଷଣ ଦେଇ କୃଷି ବିଭାଗରେ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ମୃତ୍ତିକାକୁ ସୁସ୍ଥ ରଖିବା ପାଇଁ ରାଜ୍ୟର ବିଭିନ୍ନ ମୃତ୍ତିକା ପରୀକ୍ଷାଗାରଗୁଡ଼ିକରେ ହେଉଥିବା ମୃତ୍ତିକା ପରୀକ୍ଷା କାର୍ଡ ଚାଷୀଙ୍କ ମଧ୍ୟରେ ବଣ୍ଟନ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ଉପଯୋଗୀ ସାର ପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଓୟୁଏଟି କୁଳପତି ଡ. ଅଗ୍ରୱାଲ ମାଟିର ଲବଣତା କିପରି ହ୍ରାସ କରାଯିବ ତାହା ଉପରେ ବିଶେଷ ସନ୍ଦର୍ଭ ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମୃତ୍ତିକା ରସାୟନ ବିଭାଗ ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର ସୁବୋଧ କୁମାର ସାହୁଙ୍କ ଲିଖିତ ପୁସ୍ତକ 'ମୃତ୍ତିକା' ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ରୋହିତ କୁମାର ଲେଙ୍କା ଯୋଗଦେଇ ବିଶ୍ୱ ମୃତ୍ତିକା ଦିବସର ଉପାଦେୟତା ତଥା ଚଳିତ ବର୍ଷର ବାର୍ତ୍ତା 'ମୃତ୍ତିକା ଲବଣତାର ପ୍ରତିରୋଧ ଓ ଏହାର ଉତ୍ପାଦିକା ଶକ୍ତି ବୃଦ୍ଧି' ଉପରେ ଆଲୋକପାତ କରିଥିଲେ।



ଅତିଥିମାନେ ପୁସ୍ତକ 'ମୃତ୍ତିକା'କୁ ଉନ୍ମୋଚନ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁମନ୍ତ



@ ଶୈଳ



@ ବୀରକିଶୋର



@ ସନ୍ସ୍ମିତ



@ ଦେବେନ୍ଦ୍ର



@ ଉତ୍ତରା

## ଦେବ ଦୀପାବଳି ନୀତି ସମ୍ପନ୍ନ

**ପୁରୀ ଅଫିସ, ୫।୧୨**

ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ୩ଦିନ ଧରି ଚାଲିଥିବା ଦେବଦୀପାବଳି ନୀତି ରବିବାର ସମ୍ପନ୍ନ ହୋଇଛି। ଏହି ନୀତି ଅବସରରେ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ପ୍ରଦାନ କରିଥିଲେ। ଦେବଦୀପାବଳୀର ତୃତୀୟ ଦିନ ରବିବାର ମହାପ୍ରଭୁ ଶ୍ରାଦ୍ଧ ବେଶ ଧାରଣ କରି ଦେବକୀ, ବାସୁଦେବ, ନନ୍ଦ, ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାରାଣୀଙ୍କୁ ଦୀପଦାନ କରିବା ସହ ଶ୍ରାଦ୍ଧ ଦେଇଛନ୍ତି। ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ସୂତା ବା ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ୧୬ହାତ, ଶ୍ରୀବଳଭଦ୍ର ୧୪ ହାତ ଓ ଦେବୀ ସୁଭଦ୍ରା ୧୨ ହାତ ଲମ୍ବର ନାଗପୁରୀ ଶାଢ଼ି ପରିଧାନ କରିଥିଲେ। ଠାକୁରମାନେ ତଡଗୀ, ନଳୀଭୂଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡ଼କାନି, ହରିଡ଼ାମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ଅନ୍ୟ ସମସ୍ତ ନୀତି ସମ୍ପାଦନ ପରେ ମୁଦିରସ୍ତ ବନ୍ଦାପନା କରି ଶ୍ରାଦ୍ଧ କାର୍ଯ୍ୟ ସମାପନ କରିଥିଲେ। ଏହାପରେ ଠାକୁରମାନେ ବାହଡ଼ା ବିଜେ କରିଥିଲେ।



କଟକ ଟାଉନ ହଲ୍‌ରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସାହିତ୍ୟ ପ୍ରକାଶନୀ ସଂସ୍ଥା ପକ୍ଷରୁ ପ୍ରକାଶିତ ପୁସ୍ତକ 'ଏକାତ୍ମ ମାନବ ଦର୍ଶନ, ପଥିକ ଓ ପାଥେୟ, ସ୍ୱାଧୀନତା ସମରରେ ଓଡ଼ିଶାର ଅମରଯୋଦ୍ଧା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ପୁରୀ: ଜଗନ୍ନାଥ ବଲ୍ଲଭ ସମ୍ମୁଖରେ ରବିବାର ମହାପ୍ରଭୁଙ୍କ ଶ୍ରାଦ୍ଧନୀତି ସମ୍ପନ୍ନ ପରେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ଫେରୁଛନ୍ତି।




ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ପଞ୍ଚାୟତରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରବିବାର ସ୍ଥାନୀୟ ଲୋକେ ପ୍ରତିବାଦ କରୁଛନ୍ତି।

## ସଂକ୍ଷେପରେ

### ମହିଳା ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

**ମାନସିକ ଚାପରେ ଥିଲେ**

ଭୁବନେଶ୍ୱର,୫।୧୨(ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ବନ୍ଦ ଘରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସ୍ଥାନୀୟ ଥାନା ଗଣ୍ଡମୁଣ୍ଡାରେ ରହୁଥିବା ଗଞ୍ଜାମ ଜିଲା ବ୍ରହ୍ମପୁରର ସୁଲଚନା ଗମାଙ୍ଗ(୨୭)। ସେ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଏକ ବ୍ୟାଙ୍କରେ କର୍ମଚାରୀ ଭାବେ କାମ କରୁଥିଲେ। ତେବେ ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ମାନିସିକ ଚାପରେ ଥିଲେ। ଏଥିଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିବାହ ପରେ ସ୍ୱାମୀଙ୍କ ସହ ସୁଲଚନାଙ୍କ ମନମାଳିନ୍ୟ ହେବାରୁ ସେ ୫ ବର୍ଷ ହେଲା ଗଣ୍ଡମୁଣ୍ଡା ଲେଜ୍‌ଭେଲିରେ ଆସି ରହୁଥିଲେ। ତେବେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାବେଳେ ଘରର ଭିତରପଟୁ କବାଟ ବନ୍ଦ ଥିବାରୁ ପଡୋଶୀ ଡାକ ପକାଇଥିଲ। ତେବେ ସେ କବାଟ ନ ଖୋଲିବାରୁ ପୋଲିସକୁ ଖବର ଦେଇଥିଲେ।

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିର୍ବାଚନ ସରିଲା

କଟକ ଅଫିସ,୫।୧୨: କଟକ ଆୟକର ଭବନରେ କେନ୍ଦ୍ରୀୟ ଓ ଆଞ୍ଚଳିକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା। ଆୟକର ଅଧିକାରୀ ବିପିନ ବିହାରୀ ଦାସ ନିର୍ବାଚନ ପରିଚାଳନା କରିଥିବାବେଳେ ଆଇଟିଆରସି ସେକ୍ରେଟାରି ମହମ୍ମଦ ନଜରୁଲ ଇସ୍‌ଲାମ, ଆୟକର ନିରୀକ୍ଷକ ଶିବ ପ୍ରସାଦ ରଥ, ରଞ୍ଜନ କୁମାର ବେହେରା, ବିକ୍ରମ ଖଟେଇ, ଦେବବ୍ରତ ମହାନ୍ତି ସହଯୋଗ କରିଥିଲେ। ନିର୍ବାଚନ ଶୃଙ୍ଖଳାର ସହିତ ହୋଇଥିବାରୁ ଓଡ଼ିଶା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ଅଧକ୍ଷ ଲଲାଟେନ୍ଦୁ ସାହୁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

# ଭିଜା ରାଜଧାନୀରେ ଚଳଚଞ୍ଚଳ ମଣିଷ

**ମନରେ ଥିଲା ବାତ୍ୟାର ଭୟ। କୋହଲା ପାଗକୁ ବର୍ଷା ବି ଲାଗି ରହିଥିଲା। ରାତି ପାହିଥିଲେ ମଧ ଅନ୍ଧାର ଡରାଉଥିଲା। ରବିବାର ହୋଇଥିବାରୁ ଚାକିରିଆଙ୍କ ଅଫିସ୍ ଚିନ୍ତା ନ ଥିଲା। କିନ୍ତୁ ରାଜଧାନୀର ସେମାନଙ୍କ ଆଖିରୁ ରାତିରୁ ନିଦ ଉଭେଇ ଯାଇଥିଲା। ବେପାର ଓ ରୋଜଗାରକୁ ନେଇ ଚିନ୍ତା ବଢ଼ି ଚାଲିଥିଲା। କିଏ ପରିବାର ଚଳାଇବା କଥା ଭାବୁଥିଲା ତ ଆଉ କାହାର ମନକୁ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉଚ୍ଛନ୍ନ କରୁଥିଲା। ସକାଳ ହୋଇଥିଲେ ମଧ ଘରୁ ବାହାରିବାକୁ ତୁହାକୁତୁହା ବର୍ଷାକୁ କୋହଲା ପବନ ବାଟ ଓଗାଳୁଥିଲା। ବେପାର ନ ହେବା ଚିନ୍ତାରେ ଅନେକେ ଘରୁ ବାହାରି ନ ଥିଲେ। ହେଲେ ସେହି ମଣିଷମାନେ କିନ୍ତୁ ସାହସ ଜୁଟାଇ ଆସିଥିଲେ ନିଜ କର୍ତ୍ତବ୍ୟସ୍ଥଳକୁ। ବର୍ଷା ଧାରାରେ ଯେତେବେଳେ ରାଜଧାନୀ ଭିଜି ଥରି ଉଠୁଥିଲା, ସହରର ଅଧିକାଂଶ ଦୋକାନ ବନ୍ଦ ରହିଥିଲା, ସେତେବେଳେ ଜରୁରୀ ଆବଶ୍ୟକତା କରୁଥିବା ଲୋକଙ୍କ ପାଇଁ ଏହି କର୍ମତତ୍ପର ମଣିଷମାନେ ସାହା ପାଲଟିଥିଲେ। ଏହି ମଣିଷଙ୍କ ସମ୍ପର୍କରେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**

### ବୁଲି ବୁଲି ଅଳିଆ ଉଠାଉଥିଲେ ଶିବରାମ

ସକାଳ ୭ଟା ପାଖାପାଖି। କୋହଲା ପାଗ ଓ ବର୍ଷା ଯୋଗୁ ଯେତେବେଳେ ସାରା ସହର କମ୍ବଳ ଭିତରେ ଘୋଡ଼ାଇ ହୋଇଥିଲା, ସେତେବେଳେ ଘରକୁ ଘର ବୁଲି ହୁଇସିଲ ଓ ସଚେତନତାର ଗୀତ ବଜାଇ ଅଳିଆ ଉଠାଉଥିଲେ



ବିଏମ୍‌ସିର ସଫେଇ କର୍ମଚାରୀ ଶିବରାମ ନାୟକ। ନୟାପଲ୍ଲୀରେ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଶିବରାମ କୁହନ୍ତି, କାମ ଆଗରେ ଏସବୁ କିଛି ନୁହଁ। ବର୍ଷା ପାଗରେ ଘରେ ଅଳିଆ ରହିଲେ ଲୋକଙ୍କୁ ଅପରିଷ୍କାର ଲାଗିବ। ଦାୟିତ୍ୱରେ ବନ୍ଧା ଏ ଜୀବନକୁ ଆଗକୁ ନେବାର ଅଛି।

### ମାଛ ବିକୁଥିଲେ କୁମାରୀ ମାଉସୀ

ଦେହରେ ବର୍ଷା ପାଣି ପଡ଼ି ନିଗିଡି ପଡୁଥିଲା। ଥଣ୍ଡା ପବନରେ ଥରି ଯାଉଥିଲେ ମଧ୍ୟ ରସୁଲଗଡ଼ ସବରସାହି ଗଳିର ଏକ ସ୍ଥାନରେ ବସି ମାଛ ବିକୁଥିଲେ ୪୦ ବର୍ଷୀୟ କୁମାରୀ ମାଉସୀ। ମୁଣ୍ଡ ଉପରେ ଥିଲା ତମ୍ବୁ। ହେଲେ କଣାରେ ଗଳୁଥିଲା ପାଣି, ଆଉ ପବନ ବି ଉଡାଇ ନେଇ ଭିଜାଉଥିଲା। ସେ ସକାଳ ୭ଟା ୩୦ରୁ ଆସି ଥିଲେ। ରବିବାର ଆମିଷ ବାର ଥିବାରୁ ବିଭିନ୍ନ ପ୍ରକାର ମାଛ, ଚିଙ୍ଗୁଡିକୁ ସଜାଇ ରଖିଥିଲେ। ସେ କୁହନ୍ତି, ବର୍ଷା, ବାତ୍ୟା , ପବନ ତ ଆସିବ। ହେଲେ ଯାହା ପାଇଁ ମୋ ପରିବାର ଚଳୁଛି ତାହା ନ ହେଲେ ପରିବାର ଉପାସ ରହିଯିବ। ତା' ଛଡା ମୁଁ ଏହି ଜାଗାରେ ବହୁତ ଦିନ ବେପାର କଲିଣି। ମୁଁ ଯଦି ନ ଆସିବି ମୋ ଗରାଖ ନିରାଶ ହୋଇ ଫେରିଯିବେ। ବର୍ଷା ସତ୍ତ୍ୱେ ବି ଆଜି ମୋର ଭଲ ବେପାର ହୋଇଛି।

### ଗ୍ରାହକ ଅପେକ୍ଷାରେ ରିକ୍ସା ମଉସା ରଘୁନାଥ



ସକାଳୁ ବର୍ଷା ଟିକେ କମିବା ପରେ ଦିନ ୧୧ଟା ୩୦ରେ ରିକ୍ସା ଧରି ବାହରି ଆସିଥିଲେ ୭୫ ବର୍ଷୀୟ ରଘୁନାଥ ସାହୁ। ଥଣ୍ଡା ପବନ ଆଗରେ ବାର୍ଦ୍ଧକ୍ୟକୁ ବେଖାତିର କରି ରସୁଲଗଡ଼ ଓଭରବ୍ରିଜ ତଳେ ଛିଡ଼ା ହୋଇଥିଲେ ଯାତ୍ରୀଙ୍କ ଅପେକ୍ଷାରେ। ହେଲେ ଦିନଟିଏ ବିତି ଯାଇଥିଲେ ମଧ ଟଙ୍କାଟିଏ ରୋଜଗାର ହୋଇ ନ ଥିଲା । ତଥାପି ମନରେ ସାହସ ବାନ୍ଧି ବସି ରହିବି ଓ ଆସନ୍ତାକାଲି ପୁଣି ଦି ପଇସା ରୋଜଗାର ହେବାର ଆଶା ଅଛି ବୋଲି ରିକ୍ସା ମଉସା କହିଛନ୍ତି।

### ବର୍ଷାକୁ ଖାତିର କରି ନ ଥିଲେ ଡେଲିଭରି ବୟ୍ ନିକୁଞ୍ଜ

ଜୋର ବର୍ଷା ହେଉ କି ଝିପିଝିପି। ଏହି ପାଗରେ ବାଇକ ଚଲାଇବା ଯାହା ବି ହେଲେ କଷ୍ଟ। କେତେବେଳେ ମୁହଁକୁ ବର୍ଷା ଛିଟା ତ ଆଉ କେତେବେଳେ ଅସହ୍ୟ ଥଣ୍ଡା ପବନ। ଏଥିସହ କରୋନା, ଥଣ୍ଡା, ଜ୍ୱର, କାଶର ଆଶଙ୍କା। ଏତେ ସବୁକୁ ଖାତିର ନ କରି ଗ୍ରାହକଙ୍କୁ ଠିକ ସମୟରେ ଖାଇବା ଦେବାକୁ ଧାଇଁ ଯାଉଥିଲେ ନିକୁଞ୍ଜ ଜେନା। ଡୋମିନସ ଡେଲିଭରି ବୟ ନିକୁଞ୍ଜ କୁହନ୍ତି, ବର୍ଷାକୁ ଡରିଲେ କ'ଣ ହେବ। ରବିବାର ଭଲ ବେପାର ହେବ ବୋଲି ଭାବିଥିଲି। ହେଲେ ଆଶାନୁରୂପକ ଅର୍ଡର ଆସି ନ ଥିଲା। ତଥାପି ଏଭଳି ସ୍ଥିତିରେ ନିଜକୁ ପ୍ରସ୍ତୁତ ରହିବାକୁ ପଡିଥିଲା।

### ପରିବା ପସରା ମେଲି ବସିଥିଲେ ଭାସ୍କର ଭାଇ



ସବୁ ଆଶଙ୍କା, ଭୟ ଭିତରେ ବି ବାଇଗଣ, ଜହ୍ନି, ଭେଣ୍ଡି, କାକୁଡ଼ି, ପୋଟଳ ଆଦି ପରିବା ଧରି ରାସ୍ତା କଡ଼ରେ ବସିଥା'ନ୍ତି ଭାସ୍କର ଭାଇ। ପିନ୍ଧିଥିବା ପୋଷାକ ବି ଓଦା ହୋଇଯାଇଥାଏ। ତାଙ୍କୁ ପଚାରିବାରୁ ସେ ଥରିଲା କଣ୍ଠରେ କୁହନ୍ତି, ବେପାର ବିଶେଷ ଭଲ ହୋଇନାହିଁ। ଯାହାବି ହେଉଛି ତାହା ଯଦି ନ ହେବ ଘରେ ସ୍ତ୍ରୀ, ପିଲା ଖାଇବେ କ'ଣ ? ପୁଣି କାଲିକୁ ତ ପରିବା ନଷ୍ଟ ହୋଇଯିବ। ଏ ଦେହ ବର୍ଷା, ଖରା, ଶୀତ ସବୁ ସହିଛି। ଏସବୁ ମୋର ଦେହସୁହା ହୋଇଯାଇଛି।

ସତରେ ଜୀବନ ଜିଇବା କେଡ଼େ କଷ୍ଟ। କିଏ ଏହାକୁ ସହଜ ଭାବି ପରସ୍ଥିତି, ଘାତ ପ୍ରତିଘାତ ନ ମାନି ଆଗକୁ ଚାଲିଛି ତ ଆଉ କିଏ ମଝିରେ ଅଟକି ଯାଇଛି। ସମାଜରେ ଏମାନଙ୍କ ଆବଶ୍ୟକତା ଢେର ବେଶି। ସବୁ ପରିସ୍ଥିତିରେ ଆମକୁ ସେବା ଯୋଗାଇ ଆସୁଥିବା ଏହି ମଣିଷମାନେ ସତରେ ମହାନ୍।

**-ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

## ଫସଲ କ୍ଷୟକ୍ଷତି ବୁଲି ଦେଖିଲେ ବିଡିଓ

ବାଲିଅନ୍ତା,୫।୧୨(ଡି.ଏନ୍.ଏ.)

ଲଗାଣ ବର୍ଷାରେ ବାଲିଅନ୍ତା ବ୍ଲକ ଅଞ୍ଚଳରେ ବ୍ୟାପକ ଧାନ ଓ ପନିପରିବା ଫସଲ କ୍ଷତି ହୋଇଛି। ରବିବାର ବାଲିଅନ୍ତା ବିଡିଓ ନାରାୟଣ ଚନ୍ଦ୍ର ନାୟକ ବିଭିନ୍ନ ପଞ୍ଚାୟତ ଗସ୍ତରେ ଯାଇ କ୍ଷତିଗ୍ରସ୍ତ ଧାନ କ୍ଷେତ୍ର ଓ ପନିପରିବା ଫସଲ ବୁଲି ଦେଖିଛନ୍ତି। ଜୟଦେବ ପଞ୍ଚାୟତର ମହୁଖଣ୍ଡା, ସାହେବନଗର, ଉପରସାହି କେନ୍ଦୁଲି ଦେଉଳି ମୌଜାର ଶହ ଶହ ଏକର ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

## ଭକ୍ତଙ୍କ ପାଇଁ ୪ ଦିନ ବନ୍ଦ ରହିପାରେ ଶ୍ରୀମନ୍ଦିର

ପୁରୀ ଅଫିସ, ୫।୧୨

ଚଳିତ ମାସ ଶେଷ ସପ୍ତାହରେ ୪ଦିନ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ ବୋଲି ସୂଚନା ମିଳିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନୀତିକାନ୍ତି ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଡିସେମ୍ବର ୨୫ରୁ ଜାନୁଆରୀ ୧ ମଧ୍ୟରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥାଏ। ଏହି ଗହଳି ଆଶଙ୍କା ତଥା କୋଭିଡ୍ ଗାଇଡ୍ ଲାଇନ୍‌କୁ ଦୃଷ୍ଟିରେ ରଖି ୨୫ ତାରିଖ ବଡ଼ଦିନ, ୨୬ ତାରିଖ ରବିବାର, ୩୧ ତାରିଖ ବର୍ଷ ଶେଷ ଏବଂ ଜାନୁଆରୀ ୧ ତାରିଖ ନୂଆବର୍ଷ ଦିନ ଶ୍ରୀମନ୍ଦିରରେ ସର୍ବସାଧାରଣ ବନ୍ଦ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇନାହିଁ।

## ବର୍ଷାର ପ୍ରଭାବ



ବାତ୍ୟାଜନିତ ବର୍ଷାରେ ଖୋର୍ଦ୍ଧା ଜିଲା ବାଲୁଗାଁ ବ୍ଲକର ଏକ ଚାଷ ଜମିରେ ପାଚିଲା ଧାନ ପାଣିରେ ବୁଡି ରହିଛି।



ପୁରୀ ଜିଲା ବଳଙ୍ଗା ବଜାର ନିକଟ ଏକ ଚାଷଜମିରେ ଜଣେ ଚାଷୀ କ୍ଷତିଗ୍ରସ୍ତ ଧାନ ଫସଲ ଦେଖାଉଛନ୍ତି।



ବାତ୍ୟା ଜୱାଦ ପ୍ରଭାବରେ ରବିବାର କଟକ ଯୋବ୍ରା ଆନିକଟ୍ ରାସ୍ତା ଶୁନ୍‌ଶାନ୍।



କୋଣାର୍କ।



ଭୁବନେଶ୍ୱର ଜଗନ୍ନାଥନଗରରୁ ବାଇପାସ୍‌କୁ ଯାଇଥିବା ରାସ୍ତାରେ ପାଣି ଜମିଛି।



କଟକ ଜିଲା କଣ୍ଟାପଡା ବ୍ଲକ।



ଭୁବନେଶ୍ୱର ଝାରପଡ଼ା ଓଭରବ୍ରିଜ ନିକଟରୁ କଟକ ରୋଡ଼ର ଦୃଶ୍ୟ।

## ସଂକ୍ଷେପରେ

### 'ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କର'

**କଣାସ,୫ା୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଙ୍ଗସାନପୁଟ ପଞ୍ଚାୟତ ଝାରକଟା ପ୍ରାଥମିକ ବିଦ୍ୟାଳୟ ଏବଂ ତ୍ରିଲୋଚନପୁର ପଞ୍ଚାୟତ ତ୍ରିଲୋଚନପୁରଠାରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଙ୍ଗସାନପୁଟ ସରପଞ୍ଚ ସଚ୍ଚିକାନ୍ତ ଛୋଟରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ହେଲ୍ଥ୍ ସୁପରଭାଇଜର୍ କଳିଙ୍ଗ କୁମାର ଉପାଧ୍ୟାୟ, ପ୍ରଶାନ୍ତ କୁମାର ବିଶ୍ୱାଳ, ଅରୁଣ କୁମାର ଦାସ ପ୍ରମୁଖ ଯୋଗଦେଇ ଏହି ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ତ୍ରିଲୋଚନପୁରରେ ସସ୍ମିତା ବରାଳ, ପ୍ରଶାନ୍ତ କୁମାର ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ଘଡେଇ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ସରକାର ବିଭିନ୍ନ ଆଇନ ପ୍ରଣୟନ କରି ଆର୍ଥିକ ସହାୟତା ଯୋଗାଇଦେବା ସହ ସେମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ନେଇ ସୂଚନା ଦେଇଥିଲେ।

### ସାକ୍ଷୀଗୋପାଳ ମନ୍ଦିରରେ ଦେବ ଦୀପାବଳି

**ସାକ୍ଷୀଗୋପାଳ,୫ା୧୨(ଡି.ଏନ୍.ଏ.):** ସାକ୍ଷୀଗୋପାଳ ମନ୍ଦିରରେ ରବିବାର ସନ୍ଧ୍ୟାରେ ଦେବ ଦୀପାବଳି ନୀତି ପାଳିତ ହୋଇଯାଇଛି। ମନ୍ଦିର ଚୂଡାକୁ ମହାଦୀପ ଉଠିବାପରେ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରରେ ଦୀପଦାନ କରାଯାଇଥିଲା। ଗରୁଡସ୍ତମ୍ଭ, ଅରୁଣସ୍ତମ୍ଭ, ସିଂହଦ୍ୱାର, ଅଲଗଡ ମହାବୀର ସେବାୟତ ସଂଘ କାର୍ଯ୍ୟାଳୟ, ଜାଗା ମହାବୀର, ଜାଗାଘର, ସେବକସାହି ଗ୍ରାମର ଜାଗେଶ୍ୱରୀ ମନ୍ଦିର, ଅନନ୍ତେଶ୍ୱର, ହରଚଣ୍ଡୀ ଓ ଘୁମେଇ ବରଗଛ, ମାଳେଶ୍ୱରୀ ଆଦି ମନ୍ଦିରରେ ଧାଡି ଧାଡି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ମାଳୀ ସେବାୟତ ଓ ସେବାୟତ ସଂଘ ପକ୍ଷରୁ କର୍ମଚାରମାନେ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ରଙ୍କ ମହାପାତ୍ର ମହାଦୀପ ଉଠାଇଥିଲେ।

### ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ବକ୍ତୃତାମାଳା

**କଟକ ଅଫିସ,୫ା୧୨:** ହାଇକୋର୍ଟ ବାର୍ ଆସୋସିଏଶନ ଏବଂ ଦି ଲ କଲେଜ ପୁରାତନ ଛାତ୍ର ସଂଘର ମିଳିତ ଆନୁକୂଲ୍ୟରେ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ବକ୍ତୃତାମାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବାର୍ ଆସୋସିଏଶନ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଆଇନ ମହାବିଦ୍ୟାଳୟରୁ ୪୮ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ପ୍ରତିଯୋଗୀଙ୍କୁ ବଛାଯାଇଥିଲା। ସେମାନଙ୍କୁ ଆସନ୍ତା ୧୨ ତାରିଖରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ତଥା ଆଇନଜୀବୀ ଜେ.କେ. ଲେଙ୍କା ସୂଚନା ଦେଇଛନ୍ତି। ପୁରାତନ ଛାତ୍ର ସଂଘ ସଭାପତି ଟହଲି ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାର୍ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁ ଉପସ୍ଥିତ ଥିଲେ। ବିଚାରକ ଭାବେ ଆଇନଜୀବୀ ଲେଙ୍କା, ଦୀପ୍ତିରେଖା ନନ୍ଦ ଓ ବୀରେନ ଶଙ୍କର ତ୍ରିପାଠୀ ଯୋଗଦେଇଥିଲେ।

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିର୍ବାଚନ

**କଟକ ଅଫିସ,୫ା୧୨:** କଟକ ଆୟକର ଭବନରେ କେନ୍ଦ୍ରୀୟ ଓ ଆଞ୍ଚଳିକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା। ଆୟକର ଅଧିକାରୀ ବିପିନ ବିହାରୀ ଦାସ ନିର୍ବାଚନ ପରିଚାଳନା କରିଥିବାବେଳେ ଆଇଟିଆରସି ସେକ୍ରେଟାରି ମହମ୍ମଦ ନଜରୁଲ ଇସ୍ଲାମ, ଆୟକର ନିରୀକ୍ଷକ ଶିବ ପ୍ରସାଦ ରଥ, ରଞ୍ଜନ କୁମାର ବେହେରା, ବିକ୍ରମ ଖଟେଇ, ଦେବବ୍ରତ ମହାନ୍ତି ସହଯୋଗ କରିଥିଲେ। ନିର୍ବାଚନ ଶୃଙ୍ଖଳାର ସହିତ ହୋଇଥିବାରୁ ଓଡ଼ିଶା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ଅଧକ୍ଷ ଲଲାଟେନ୍ଦୁ ସାହୁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

# ଠିକ୍ ତଥ୍ୟ ଉପସ୍ଥାପନ ହୋଇନାହିଁ

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିବା ପ୍ରସଙ୍ଗ**

- ଆଜି ୬ ସ୍ଥାନରେ ପାଳନ ହେବ ବଳିଦାନ ଦିବସ
- ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସୁ : ଜଟାଧାରୀ

ଖୋର୍ଦ୍ଧା ଅଫିସ,୫ା୧୨

ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ସୋମବାର ଶହୀଦ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ରାଜ୍ୟ ତଥା ରାଜ୍ୟ ବାହାରେ ପାଳନ କରାଯିବା ପାଇଁ ସ୍ଥିର ହୋଇଛି। ବିଭିନ୍ନ ସ୍ଥାନରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ସ୍ଥାନୀୟ ସଭ୍ୟମାନଙ୍କୁ ଅନୁରୋଧ କରାଯାଇଛି। ଚଳିତବର୍ଷ ପ୍ରଥମ ଥର ଓଡ଼ିଶାର ୬ଟି ଉଚ୍ଚ ବିଦ୍ୟାଳୟରେ ଶହୀଦ ଦିବସ ପାଳନ କରାଯିବ ବୋଲି ପରିଷଦ ସମ୍ପାଦକ ଡ. ଜଟାଧାରୀ ମିଶ୍ର ସୂଚନା ଦେଇଛନ୍ତି। ପରିଷଦ ସମ୍ପାଦକ ଡ. ମିଶ୍ର କହିଛନ୍ତି, ୧୮୧୭ ବିଦ୍ରୋହକୁ ରାଜ୍ୟ ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୂପେ ଘୋଷଣା କରିବା ପାଇଁ ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଛନ୍ତି। ଏହି ଐତିହାସିକ ସଂଗ୍ରାମ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପାଖରେ ଠିକ ଭାବେ ତଥ୍ୟ ଉପସ୍ଥାପନ କରାଯାଇପାରିନାହିଁ। ଏ ବିଷୟରେ ପରିଷଦ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଉନାହିଁ।

ପ୍ରଥମତଃ, ପାଇକ ବିଦ୍ରୋହର ସମୟ କାଳ (ଅର୍ଥାତ ଆରମ୍ଭ ଓ ଶେଷ) ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ। ଦ୍ୱିତୀୟତଃ, ୧୮୧୭ ବିଦ୍ରୋହରେ କେବଳ ବକ୍ସି ଜଗବନ୍ଧୁଙ୍କୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏହି ଆନ୍ଦୋଳନରେ ୧୭୧ ଜଣଙ୍କୁ ମୃତ୍ୟୁଦଣ୍ଡ, ଆଜୀବନ କାରାବାସ, ଦେଶାନ୍ତର ଓ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ବିଷୟ ପରିଷଦ ବାରମ୍ବାର ଉତ୍ଥାପନ କରିଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇନାହିଁ। ତୃତୀୟତଃ, ପାଇକ ବିଦ୍ରୋହ ଉପରେ ଆଇସିଏଚ୍ଆର୍, ଏନ୍ସିଇଆର୍ଟି ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ ଯେଉଁ ବିଷୟ ସ୍ଥାନିତ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି, ତାହା ସ୍ୱାଗତଯୋଗ୍ୟ। କିନ୍ତୁ ବାସ୍ତବ ତଥ୍ୟ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସି ନ ଥିବାରୁ ଏହାକୁ ପୁନରାୟ ଅନୁସନ୍ଧାନ କରାଯାଇ ରିପୋର୍ଟ ଆସିବା ପରେ ପାଠ୍ୟକ୍ରମରେ ସ୍ଥାନିତ କରାଯିବାକୁ ପରିଷଦ ନିବେଦନ କରୁଛି।

ପରିଷଦର ମତ ଯେ, ୧୮୦୩ ମସିହା ଅକ୍ଟୋବର ୧୪ ତାରିଖରେ ଇଂରେଜମାନେ କଟକ ବାରବାଟୀ ଦୁର୍ଗ ଦଖଲ କରି ବିଜୟ ଦିବସ ଘୋଷଣା କରିବା ପରେ ୧୧-୦୩-୧୮୦୪ରେ ୨ହଜାରରୁ ଊର୍ଦ୍ଧ୍ୱ ପାଇକ କର୍ନେଲ ହାରକୋର୍ଟଙ୍କୁ କଟକରେ ଘେରାଉ କରି ସେମାନଙ୍କ ହକ ଓଡ଼ିଶା ରାଜ୍ୟ ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମସ୍ତ ପ୍ରଗଣାକୁ ଫେରାଇ ଦେବା ପାଇଁ ଦାବି କରିଥିଲେ। କିନ୍ତୁ କର୍ନେଲ ତାହା ଗ୍ରହଣ ନ କରିବାରୁ ଜୟୀ ରାଜଗୁରୁ ଯୁଦ୍ଧ ଡାକରା ଦେଇଥିଲେ। ତେଣୁ ବାସ୍ତବ କ୍ଷେତ୍ରରେ ପାଇକ ବିଦ୍ରୋହର ପ୍ରଥମ ଦିନ ଥିଲା ୧୮୦୪ ମସିହା ମାର୍ଚ୍ଚ ୧୧। ତେବେ ଏହି ବିଦ୍ରୋହ ୧୮୧୭ ମସିହାରେ ବକ୍ସିଙ୍କ ନେତୃତ୍ୱରେ ଅଧିକ ଭୟାବହ ରୂପ ଧାରଣ କରିଥିଲା। କିନ୍ତୁ ୧୮୨୫ରେ ବକ୍ସି ଆତ୍ମସମର୍ପଣ କରିବା ଦ୍ୱାରା ପାଇକ ବିଦ୍ରୋହର ଅବସାନ ହେଲା। ୧୮୦୪ ଠାରୁ ୧୮୨୫ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ଧରି ପାଇକ ବିଦ୍ରୋହ ଚାଲିଥିଲା। କିନ୍ତୁ ଏ ବିଷୟରେ ବିଶେଷ ଆଲୋକପାତ କରାଯାଇନାହିଁ। ଏଣୁ ରାଜ୍ୟ ସରକାର ଏ ବିଷୟରେ ଐତିହାସିକ, ଗବେଷକ ଏବଂ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ ଠାରୁ ତଥ୍ୟ ସଂଗ୍ରହ କରି କେନ୍ଦ୍ର ସରକାଙ୍କ ନିକଟରେ ପୁନର୍ବାର ଦାବି ଉପସ୍ଥାପନ କରନ୍ତୁ ବୋଲି ମିଶ୍ର ମତ ପ୍ରକାଶ କରିଛନ୍ତି।



ବାଲୁଗାଁ: ବାତ୍ୟା ଜୱାଦ ପ୍ରଭାବରେ ରବିବାର ସକାଳେ ଅଶାନ୍ତ ଚିଲିକା।

## ଭକ୍ତଙ୍କ ପାଇଁ ୪ ଦିନ ବନ୍ଦ ରହିପାରେ ଶ୍ରୀମନ୍ଦିର

ପୁରୀ ଅଫିସ, ୫ା୧୨

ଚଳିତ ମାସ ଶେଷ ସପ୍ତାହରେ ୪ଦିନ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ ବୋଲି ସୂଚନା ମିଳିଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ କି ଘୋଷଣା କରାଯାଇନାହିଁ। ସୋମବାର ଏ ନେଇ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୀତିକାନ୍ତି ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଡିସେମ୍ବର ୨୫ରୁ ଜାନୁଆରୀ ୧ ତାରିଖ ମଧ୍ୟରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥାଏ। ଏହି ଗହଳି ଆଶଙ୍କା ତଥା କୋଭିଡ୍ ଗାଇଡ୍ ଲାଇନ୍କୁ ଦୃଷ୍ଟିରେ ରଖି ୨୫ ତାରିଖ ବଡ଼ଦିନ, ୨୬ ତାରିଖ ରବିବାର, ୩୧ ତାରିଖ ବର୍ଷ ଶେଷ ଏବଂ ଜାନୁଆରୀ ୧ ତାରିଖ ନୂଆବର୍ଷ ଦିନ ଶ୍ରୀମନ୍ଦିରରେ ସର୍ବସାଧାରଣ ବନ୍ଦ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇନାହିଁ।

# ପରିବାରକୁ ୮ଲକ୍ଷ କ୍ଷତିପୂରଣ, ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ଅସ୍ତରଙ୍ଗ ଯୁବକଙ୍କ ହାଜତ ମୃତ୍ୟୁ ଘଟଣା**

ଖୋର୍ଦ୍ଧା ଅଫିସ, ୫ା୧୨

ପୁରୀ ଜିଲା ଅସ୍ତରଙ୍ଗ ଥାନା ପୋଲିସ ମାଡ଼ରେ ଗୁରୁତର ଆହତ ହୋଇ ଯୋଗେନ୍ଦ୍ର ଦାସ (୪୦)ଙ୍କର ଗତ ୨୦୧୮ ନଭେମ୍ବର ୨୮ରେ ଏସ୍ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ଯୋଗେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବ ଅଧିକାର କମିଶନ(ଏନ୍ଏଚ୍ଆର୍ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି କରି ଏନ୍ଏଚ୍ଆର୍ସି ମୃତକଙ୍କ ପରିବାରଙ୍କୁ ୮ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ ୬ସପ୍ତାହ ମଧ୍ୟରେ ତଦନ୍ତ ସମ୍ପର୍କିତ ରିପୋର୍ଟ ଦାଖଲ ଲାଗି ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ମାଳଦା ଗ୍ରାମର ଯୋଗେନ୍ଦ୍ର ୨୦୧୮ ଅକ୍ଟୋବର ୩୦ରେ ଗଜଲକ୍ଷ୍ମୀ ପୂଜା ଭସାଣୀ ଉତ୍ସବ ଉପଲକ୍ଷେ ଗ୍ରାମରେ ଆୟୋଜିତ ଭୋଜିରେ ରୋଷେୟା ଭାବେ ଯୋଗଦେଇଥିଲେ। ତେବେ ତାଙ୍କୁ ଭୋଜିକୁ ଡାକିଥିବା ଲୋକଙ୍କ ମଧ୍ୟରୁ କେତେଜଣ ତାଙ୍କ ବିରୋଧରେ ଆକ୍ରୋଶମୂଳକ ଭାବେ ଥାନାରେ ମିଥ୍ୟା ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଘଟଣାର କୌଣସି ତଦନ୍ତ କରି ନ ଥିଲା। ନଭେମ୍ବର ୧୪ରେ ଯୋଗେନ୍ଦ୍ର ଜଣେ ବନ୍ଧୁଙ୍କ ଘରକୁ ଯାଇଥିବାବେଳେ ପୋଲିସ ତାଙ୍କୁ ଉଠାଇ ଆଣି ଥାନାରେ ନିସ୍ଥୁକ ମାଡ଼ ମାରିଥିଲା। ଫଳରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ପରେ ପୋଲିସ ତାଙ୍କୁ ଚିକିତ୍ସା ନ କରାଇ ୧୫ ତାରିଖରେ ନିମାପଡ଼ା ଜେଏମ୍ଏଫ୍ସି କୋର୍ଟରେ ହାଜର କରିଥିଲା। ୧୬ ତାରିଖରେ ସେ କୋର୍ଟରୁ ଜାମିନରେ ମୁକୁଳିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ଘରକୁ ନ ଆଣି କଟକ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ନଭେମ୍ବର ୨୮ରେ ତାଙ୍କର ମୃତ୍ୟୁ ଘଟିଥିଲା। ଥାନାରେ ନିସ୍ଥୁକ ମାଡ଼ ଯୋଗୁ ତାଙ୍କ ସ୍ୱାମୀ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ତ୍ରୀ ପ୍ରତିମା ପୁରୀ ଏସ୍ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେହି ସମୟରେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଉଗ୍ରରୂପ ଧାରଣ କରିଥିଲା। ଗ୍ରାମବାସୀ ମୃତଦେହକୁ ଥାନା ଆଗରେ ରଖି ଧାରଣା ଦେଇଥିଲେ। ଏ ନେଇ ନଭେମ୍ବର ୨୮ରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ରେ ଖବର ପ୍ରକାଶ ପାଇଥିଲା।

## ମହିଳା ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୫ା୧୨(ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ବନ୍ଦ ଘରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସ୍ଥାନୀୟ ଥାନା ଗଣ୍ଡମୁଣ୍ଡାରେ ରହୁଥିବା ଗଞ୍ଜାମ ଜିଲା ବ୍ରହ୍ମପୁରର ସୁଲଚନା ଗମାଙ୍ଗ(୨୭)। ସେ ମାଷ୍ଟରକ୍ୟାଣ୍ଟିନ୍ସ୍ଥିତ ଏକ ବ୍ୟାଙ୍କରେ କର୍ମଚାରୀ ଭାବେ କାମ କରୁଥିଲେ। ତେବେ ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ମାନସିକ ଚାପରେ ଥିଲେ। ଏଥିଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିବାହ ପରେ ସ୍ୱାମୀଙ୍କ ସହ ସୁଲଚନାଙ୍କ ମନମାଳିନ୍ୟ ହେବାରୁ ସେ ୫ ବର୍ଷ ହେଲା ଗଣ୍ଡମୁଣ୍ଡା ଲେଜ୍ଭେଲିରେ ଆସି ରହୁଥିଲେ। ତେବେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାବେଳେ ଘରର ଭିତରପଟୁ କବାଟ ବନ୍ଦ ଥିବାରୁ ପଡୋଶୀ ଡାକ ପକାଇଥିଲ। ତେବେ ସେ କବାଟ ନ ଖୋଲିବାରୁ ପୋଲିସକୁ ଖବର ଦେଇଥିଲେ।

# ଦେବଦୀପାବଳି ନୀତି ସମ୍ପନ୍ନ

ପୁରୀ ଅଫିସ, ୫ା୧୨

ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ୩ଦିନ ଧରି ଚାଲିଥିବା ଦେବଦୀପାବଳି ନୀତି ରବିବାର ସମ୍ପନ୍ନ ହୋଇଛି। ଏହି ନୀତି ଅବସରରେ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ପ୍ରଦାନ କରିଥିଲେ। ଦେବଦୀପାବଳିର ତୃତୀୟ ଦିନ ଅର୍ଥାତ ମାର୍ଗଶିର ମାସ ପ୍ରତିପଦା ତିଥିରେ ରବିବାର ମହାପ୍ରଭୁ ଶ୍ରାଦ୍ଧ ବେଶ ଧାରଣ କରି ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାରାଣୀଙ୍କୁ ଦୀପଦାନ କରିବା ସହ ଶ୍ରାଦ୍ଧ ଦେଇଛନ୍ତି। ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ସୂତା ବା ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ୧୬ହାତ, ଶ୍ରୀବଳଭଦ୍ର ୧୪ ହାତ ଓ ଦେବୀ ସୁଭଦ୍ରା ୧୨ ହାତ ଲମ୍ବର ନାଗପୁରୀ ଶାଢ଼ି ପରିଧାନ କରିଥିଲେ। ଠାକୁରମାନେ ତଡଗୀ, ନଳୀଭୂଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡ଼କାନି, ହରିଡ଼ାମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ପରେ ରତ୍ନସିଂହାସନ ତଳେ ଭଣ୍ଡାର ମେକାପ ଚାଉଳରେ ଏକ ଗଛ ନିର୍ମାଣ କରିଥିଲେ। ପରେ ମଦନମୋହନ ଦକ୍ଷିଣୀ ଘରୁ ବିଜେ ହୋଇଥିଲେ। ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପ ସଂସ୍କାର କରିଥିଲେ। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ବନ୍ଦାପନା ନୀତି ସାରି ଆଜ୍ଞାମାଳ ଆଣି ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରମାନଙ୍କୁ ନେଇ ଚାଉଳ ଗଛ ପାଖକୁ ଯିବା ପରେ ପଢିଆରୀ ଜୟବିଜୟ ଦ୍ୱାର ଖୋଲିଥିଲେ। ମହାଦୀପ ବନ୍ଦାପନା ନୀତି ପରେ ଚୂନରା ସେବକ ଶ୍ରୀମନ୍ଦିର ଅଁଳାବେଢ଼ାରେ ଦୀପମାନ ଜାଳିଥିଲେ। ପରେ ଶ୍ରୀଦେବୀ, ଭୂଦେବୀ ଏବଂ ମଦନମୋହନଙ୍କୁ ମହାଜନ ସେବକମାନେ ଝୁଲଣମଣ୍ଡପ ନିକଟ ବିମାନକୁ ବିଜେ କରାଇଥିଲେ। ନୀତି ସମ୍ପାଦନ ପରେ ବିମାନବଡୁ ସେବକମାନେ ବିମାନକୁ ନେଇ ଜଗନ୍ନାଥବଲ୍ଲଭ ମଠରେ ବିଜେ କରାଇଥିଲେ। ସେଠାରେ ପଢିଆରୀ କରିଥିବା ଚାଉଳ ଗଛରେ ଦୀପ ସଂସ୍କାର କରିଥିଲେ। ପରେ ମୁଦିରସ୍ତ ବନ୍ଦାପନା କରି ଶ୍ରାଦ୍ଧ କାର୍ଯ୍ୟ ସମାପନ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୁମନ୍ତ



@ ଶୈଳ



@ ବାରକିଶୋର



@ ସନ୍ସ୍ମିତ



@ ଦେବେନ୍ଦ୍ର



@ ଉତ୍ତରା

# ମଦ ଦୋକାନ ଖୋଲିବା ବିଜ୍ଞପ୍ତି ପ୍ରତିବାଦରେ ଶୋଭାଯାତ୍ରା

ଟାଙ୍ଗୀ(ଖୋର୍ଦ୍ଧା), ୫ା୧୨(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ପଞ୍ଚାୟତରେ ଏକ ବିଦେଶୀ ମଦ ଦୋକାନ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଏହାର ବିରୋଧ କରିଛନ୍ତି। ଏନେଇ ରବିବାର ଏକ ପ୍ରତିବାଦ ଶୋଭାଯାତ୍ରା ଦୈବୀପୀଠ ବ୍ୟାଘ୍ର ଦେବୀ ମନ୍ଦିରଠାରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ସରକାର ତୁରନ୍ତ ଏହି ବିଜ୍ଞପ୍ତିକୁ ବନ୍ଦ କରିବାକୁ ନାରା ଦେଇଥିଲେ। ଏହି ଅବସରରେ କୁହୁଡି ରାଜସ୍ୱ ନିରୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତିରେ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଶିକ୍ଷାବିତ୍ ହୃଷୀକେଶ ପ୍ରଧାନ, ଡ.ଚନ୍ଦ୍ରଶେଖର ଦାଶ, ଆଇନଜୀବୀ ଖଗେଶ୍ୱର ପାତ୍ର, ସରପଞ୍ଚ ବିପିନ କୁମାର ଉଦୟସିଂ, ପୂର୍ବତନ ସରପଞ୍ଚ ପବିତ୍ର କୁମାର ହରିଚନ୍ଦନ, ଜୟଦେବ ବେହେରା, ଟାଙ୍ଗୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ ବେହେରା, ବସନ୍ତ କୁମାର ସିଂ, ଶେଷଦେବ ଦାସ, ହରିବନ୍ଧୁ ସାମନ୍ତରାୟ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।



କଟକ ଟାଉନ ହଲ୍ରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସାହିତ୍ୟ ପ୍ରକାଶନୀ ସଂସ୍ଥା ପକ୍ଷରୁ ପ୍ରକାଶିତ ପୁସ୍ତକ 'ଏକାତ୍ମ ମାନବ ଦର୍ଶନ, ପଥିକ ଓ ପାଥେୟ, ସ୍ୱାଧୀନତା ସମରରେ ଓଡ଼ିଶାର ଅମରଯୋଦ୍ଧା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ପୁରୀ: ଜଗନ୍ନାଥ ବଲ୍ଲଭ ସମ୍ମୁଖରେ ରବିବାର ମହାପ୍ରଭୁଙ୍କ ଶ୍ରାଦ୍ଧନୀତି ସମ୍ପନ୍ନ ପରେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ଫେରୁଛନ୍ତି।




ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ପଞ୍ଚାୟତରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରବିବାର ସ୍ଥାନୀୟ ଲୋକେ ପ୍ରତିବାଦ କରୁଛନ୍ତି।

## ସଂକ୍ଷେପରେ

### ମନ୍ତ୍ରୀଙ୍କ ଦ୍ୱାରା 'ଗିରିକନ୍ୟା' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୫।୧୨(ବ୍ୟୁରୋ): ପଣ୍ଡିତ ପ୍ରବୋଧ ମିଶ୍ରଙ୍କ ଦ୍ୱାରା ଲିଖିତ 'ଗିରି କନ୍ୟା' ପୁସ୍ତକ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଶନିବାର ଉନ୍ମୋଚିତ ହୋଇଯାଇଛି। ମହାକବି କାଳିଦାସଙ୍କ କୁମାର ସମ୍ଭବ କାବ୍ୟରେ ଶିବପ୍ରାପ୍ତି ପାଇଁ ପାର୍ବତୀଙ୍କ କଠୋର ତପସ୍ୟା ଏଥିରେ ବର୍ଣ୍ଣିତ। ମନ୍ତ୍ରୀ ଦାଶ କହିଥିଲେ, ସଂସ୍କୃତ ରଚନା ପାଇଁ ପଣ୍ଡିତ ମିଶ୍ର ଓଡ଼ିଶା ଓ ଦେଶରେ ପରିଚିତ। ସଂସ୍କୃତ ଶିକ୍ଷାର ବିକାଶ ଆଜିର ଆବଶ୍ୟକତା ରହିଛି। ଏହି ଅବସରରେ ପଣ୍ଡିତ ମିଶ୍ର କହିଥିଲେ, କାଳିଦାସଙ୍କ ସଂସ୍କୃତ ରଚନା ଉପମାମୟ। ମନ୍ତ୍ରୀ ଦାଶ ସଂସ୍କୃତି ଓ ସଂସ୍କୃତର ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହି ଉତ୍ସବରେ ପ୍ରକାଶକ ଶୁଭାଶିଷ କର ଓ ଶିବାଶିଷ କର, ଆଇନଜୀବୀ ରବୀନ୍ଦ୍ର କୁମାର ନନ୍ଦ, ପଣ୍ଡିତ ନରସିଂହ ଜେନା, ପରିଚାଳକ ସ୍ୱାଇଁ, ସାମ୍ବାଦିକ ନିର୍ମଳ ଚନ୍ଦ୍ର ମଲ୍ଲିକ, ମନ୍ତ୍ରୀଙ୍କ ସଚିବ ବିଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

### ୫ ଦୋକାନ, ଗ୍ରାହକ ସେବାକେନ୍ଦ୍ରରୁ ଚୋରି

ସାଲେପୁର,୫।୧୨(ଡି.ଏନ.ଏ): ସାଲେପୁର ଥାନାର ଜପକୁଦ ଫାଣ୍ଡି ଅଧୀନ ରାମେଶ୍ୱର ବଜାରସ୍ଥିତ ୫ ଦୋକାନ ଓ ଏକ ଗ୍ରାହକ ସେବା କେନ୍ଦ୍ରରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଏହି ବଜାରର ଏକ ପାନ ଦୋକାନ, ଔଷଧ, ଗ୍ରୋସରି, ଇଲେକ୍ଟ୍ରିକାଲ ଦୋକାନ ଓ ସାବିୟିପୁର ଛକସ୍ଥିତ ଏକ ଗ୍ରୋସରି ଦୋକାନର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଓ ଟଙ୍କା ଚୋରି କରିନେଇଛନ୍ତି। ସେହିପରି ସ୍ଥାନୀୟ ଗ୍ରାହକ ସେବା କେନ୍ଦ୍ରରୁ ଏକ ଲାପଟପ୍ ନେଇଯାଇଛନ୍ତି। ଏନେଇ ବଜାର କମିଟି ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିବା କୁହାଯାଇଛି।

# ପାଣିରେ ପଡ଼ିଛି ପାଚିଲା ଧାନ

- ୧୦ ହଜାର ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ
- କ୍ଷତିପୂରଣ ଦାବି କଲେ ଚାଷୀ ସଙ୍ଗଠନ

ଖୋର୍ଦ୍ଧା ଅଫିସ/ବାଲୁଗାଁ/ଟାଙ୍ଗୀ, ୫।୧୨ (ଡି.ଏନ.ଏ.)

'ଜୱାଦ' ପ୍ରଭାବରେ ଲଗାଣ ବର୍ଷା ଯୋଗୁ ପାଚିଲା ଧାନ ବିଲରେ ମିଶିଯାଇଛି। ଫଳରେ ବର୍ଷକର ଦାନାପାଣି ଉଜୁଡ଼ିବା ଆଶଙ୍କାରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବେଗୁନିଆ, ବୋଲଗଡ଼, ଖୋର୍ଦ୍ଧା, ଟାଙ୍ଗୀ, ଚିଲିକା, ବାଣପୁର, ଜଟଣୀ, ଭୁବନେଶ୍ୱର ଓ ତଳି ଅଞ୍ଚଳର ଚାଷଜମିରେ ପାଣି ଜମି ଫସଲ ନଷ୍ଟ ହୋଇଛି। ସହରତଳି ଅଞ୍ଚଳ ଗଡ଼ଖୋର୍ଦ୍ଧା, ସାମନ୍ତରାପୁର, କେରଙ୍ଗ, ଗଡ଼ହଳଦିଆ, ନୂଆଗାଁ, ଉଇଲିକିଶନ ନଗର, କୁମ୍ଭିଲୋ, ପତନିବର, ଟାଙ୍ଗିଆପଡା, ବାଜପୁର, ଦଲେଇପୁଟ, ଦେଉଳଟାଙ୍ଗି, ଜରିପୁଟି, ଶରଧାପୁର, ତରତୁଆ, ନାଲିପଡ଼ା, ଅର୍ଜୁନପୁର, ପୁରୁସାହି, ବରସାହି, ଜୟମଙ୍ଗଳ, ପାନବରଜ, ବାଘମାରୀ, ସାରୁଅ, ଅତ୍ରି ପ୍ରଭୃତି ଅଞ୍ଚଳରେ ପାଚିଲା ଧାନ କ୍ଷେତରେ ପାଣି ଜମିରହି ମାଟିରେ ମିଶିଯାଇଛି। ରବିବାର ବର୍ଷାରେ ଭିଜି ଅନେକ ଚାଷୀ ବିଲରୁ ଓଦା ଧାନକୁ ବୋହି ନେଉଥିବା ଦେଖିବାକୁ ମିଳିଛି। ଶରଧାପୁରର ଚାଷୀ ଜିତେନ୍ଦ୍ର ବେହେରା, ବୁଦ୍ଧିଆ ବେହେରା, ଶଙ୍କର୍ଷଣ ବେହେରା, ନରେନ୍ଦ୍ର ବେହେରା, ଏମ୍. ଡି. ହାଜିରୁଦ୍ଦିନ ରେହମାନ, ମହମ୍ମଦ ହାସନ ପ୍ରମୁଖ କହିଛନ୍ତି, ଆମ ବିଲରେ ପାଣି ଜମି ରହିଛି। ବହୁ କଷ୍ଟରେ ଧାରକରଜ ଓ ସମିତିରୁ ଋଣ ଆଣି ଫସଲ କରିଥିଲୁ। ଏବେ ବର୍ଷା ସବୁ ଉଜାଡ଼ିଦେଲା। ଆମ ଅଞ୍ଚଳର ପ୍ରାୟ ୫୦ ଏକର ଜମିରେ ପାଚିଲା ଧାନ ପାଣିରେ ବୁଡ଼ିରହିଛି। ତୁରନ୍ତ ସରକାରୀ ସହାୟତା ନ ମିଳିଲେ, ଚାଷୀ ଦୁର୍ଦ୍ଦିନକୁ ସାମ୍ନା କରିବେ ବୋଲି ଜିତେନ୍ଦ୍ର କହିଛନ୍ତି। ସେହିପରି ଜରିପୁଟ ଅଞ୍ଚଳର ଚାଷୀ ମନୋରଞ୍ଜନ ସାମନ୍ତରାୟ, ଶିବଶଙ୍କର ଦୈତାରୀ ସେନାପତି, କାଶୀନାଥ ଜଗଦ୍ଦେବ, ଶିବଶଙ୍କର ଦାସ ଏବଂ ନଳିନୀକାନ୍ତ ଛୋଟରାୟ ପ୍ରମୁଖ କହିଛନ୍ତି, ବିଲରେ ପାଣି ଜମି ରହିଛି। ଏହି ଅଞ୍ଚଳର ପ୍ରାୟ ୫୦ ଏକର ଚାଷଜମିରେ ପାଚିଲା ଧାନବିଲରେ ଲେଉଟିଛି। ୪୦ ପ୍ରତିଶତ ପାଚିଲା ଧାନ କଟାଯାଇଥିବାବେଳେ ୪୦ ପ୍ରତିଶତ କଟାଯାଇନାହିଁ। ଅଦିନିଆ ବର୍ଷାରେ ଧାନ ଗଜା ହୋଇଗଲା। ଏବେ ବାତ୍ୟା ପ୍ରଭାବରେ ଅଧିକାଂଶ ଜମିରେ ପାଣି ଜମି ଏହା ନଷ୍ଟ ହୋଇଗଲା। ଚଳିତବର୍ଷ ଅକ୍ଟୋବର ଶେଷ ଓ ନଭେମ୍ବର ମାସରେ ଅଦିନିଆ ବର୍ଷା ଯୋଗୁ ବିଲରେ ପାଣି ଜମି ଧାନ ଗଜା ହୋଇଗଲା। ଏବେ ପୁଣି ବର୍ଷା ସବୁ ଉଜାଡ଼ିଦେଲା ବୋଲି ନବନିର୍ମାଣ କୃଷକ ସଙ୍ଗଠନର ଶୈଳେଶ ବଳିଆରସିଂ କହିଛନ୍ତି। ସରକାର ତୁରନ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ପ୍ରକାଶ ଯେ, ଗତବର୍ଷ ଅଦିନିଆ ବର୍ଷାରେ ୭୬୦୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ଚଳିତବର୍ଷ ପ୍ରାୟ ୧୦ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା ଚାଷୀ ସଙ୍ଗଠନଗୁଡ଼ିକ କହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ ଦାବି କରିଛନ୍ତି। କ୍ଷୟକ୍ଷତି ଅନୁଧ୍ୟାନ କରାଯାଇ କ୍ଷତିପୂରଣ ପ୍ରଦାନ ଲାଗି ପଦକ୍ଷେପ ନିଆଯିବ ବୋଲି ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ ମହାରଣା କହିଛନ୍ତି।

## ଆଜିଠୁ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟ

ବାରଙ୍ଗ, ୫।୧୨ (ଡି.ଏନ୍.ଏ.)

କଲ୍ୟାଣପୁର ପଞ୍ଚାୟତସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଗଣ୍ଡରପୁର ଖେଳପଡ଼ିଆରେ ସୋମବାରଠାରୁ ସର୍ବ ଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ସହରାଞ୍ଚଳ ବିଭାଗରେ ମୋଟ୍ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଚାମ୍ପିୟନ ଟିମକୁ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଟିମ୍‌କୁ ୪୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିପରି ଗ୍ରାମାଞ୍ଚଳ ବିଭାଗରେ ଗୋପାଳପୁର, ଟାଙ୍ଗୀବନ୍ତ, ନରଣପୁର, ବରାହିପୁର, ପ୍ରତାପନଗରୀ, ଉସୁମା ଟିମ୍ ଅଂଶଗ୍ରହଣ କରିବେ ବୋଲି କ୍ଲବର କ୍ରୀଡା ସମ୍ପାଦକ ଯୁବରାଜ ପଢିହାରି କହିଛନ୍ତି। ଗ୍ରାମାଞ୍ଚଳ ଚାମ୍ପିୟନ ଟିମକୁ ୩୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଟିମକୁ ୨୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏହି ଟୁର୍ନାମେଣ୍ଟ ଆସନ୍ତା ୧୨ତାରିଖରେ ଉଦ୍‌ଯାପିତ ହେବ। ଏହି ଟୁର୍ନାମେଣ୍ଟରେ ଗ୍ରାମାଞ୍ଚଳ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ବ୍ୟାଟେରି ଚାଳିତ ବାଇକ୍ ଓ ସହରାଞ୍ଚଳ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ହିରୋହୋଣ୍ଡା ବାଇକ୍ ପ୍ରଦାନ କରାଯିବ ବୋଲି ଗଣ୍ଡରପୁର ୟୁନାଇଟେଡ଼ ସ୍ପୋର୍ଟିଂ କ୍ଲବର ସମ୍ପାଦକ ମାନସ ପଢିହାରୀ କହିଛନ୍ତି।

## ଜରାଜୀର୍ଣ୍ଣ ଅବସ୍ଥାରେ ତ୍ରିଲୋଚନପୁର ଆୟୁର୍ବେଦିକ ଚିକିତ୍ସାଳୟ

କଣାସ, ୫।୧୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମରେ ୧୯୭୨ ମସିହାରେ ତ୍ରିଲୋଚନପୁର ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ତ୍ରିଲୋଚନପୁର, ଗଡ଼ବଡ଼ପୁଟ, ଗଡ଼ସାନପୁଟ, ଅଁଳାଯୋଡ଼ି, ପାଣ୍ଡିଆକେରା ଏବଂ ଡେଲାଙ୍ଗ ବ୍ଲକ କଲ୍ୟାଣପୁର ପଞ୍ଚାୟତର ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆୟୁର୍ବେଦିକ ଚିକିତ୍ସା ଯୋଗାଇବାରେ ଏହି ଚିକିତ୍ସା କେନ୍ଦ୍ର ସକ୍ରିୟ ଭୂମିକା ଗ୍ରହଣ କରିଆସୁଛି। ପ୍ରଥମେ ଏହା ଏକ ଚାଳଘରେ ଖୋଲାଯାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗରେ ଦୁଇବଖରା କୋଠାଘର ନିର୍ମାଣ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହୋଇଆସୁଛି। କିନ୍ତୁ ଦୀର୍ଘବର୍ଷ ହେଲା ରକ୍ଷଣାବେକ୍ଷଣ ଅଭାବରୁ ଚିକିତ୍ସାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କବାଟ, ଝରକା ଭାଙ୍ଗିଯାଇଥିବା ବେଳେ ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଛି। ଗୋଟିଏ ବଖରା ଭାଙ୍ଗିଯାଇଥିବାରୁ ତାହାକୁ ବନ୍ଦ ରଖାଯାଇଛି। ଅନ୍ୟ ବଖରାରେ ଚିକିତ୍ସାଳୟ ଚାଲିଛି। ଜଣେ ଡାକ୍ତର ଓ ଜଣେ ସହାୟକ ଏଠାରେ ନିଯୁକ୍ତି ହୋଇଥିବା ବେଳେ ଔଷଧ ଭଣ୍ଡାର ମଧ୍ୟ ରହିଛି। ଗୃହ ଅଭାବରୁ ରୋଗୀମାନେ ଚିକିତ୍ସାଳୟ ବାହାରେ ରହି ଚିକିତ୍ସିତ ହେଉଛନ୍ତି। ଘରଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ଡାକ୍ତର ଓ ରୋଗୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ନୂତନ ଗୃହ ନିର୍ମାଣ ନିମନ୍ତେ ଗ୍ରାମବାସୀ ବାରମ୍ବାର ଦାବି କଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଡାକ୍ତର ସ୍ୱର୍ଣ୍ଣଲତା ସେଠୀ ଏଭଳି ଦୁରବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି। ତୁରନ୍ତ ଚିକିତ୍ସାଳୟ ମରାମତି କିମ୍ବା ପୁନଃ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## 'ମାଟିରୁ ଲବଣତା କମିଲେ ଫସଲ ଭଲ ହେବ'




କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ ଓ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୫।୧୨

ଜିଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ସ୍ଥାନୀୟ ଉଦ୍ୟାନ କୃଷି କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କୃଷକଙ୍କ ଆର୍ଥିକ ମାନଦଣ୍ଡର ବିକାଶ ଘଟିଲେ, ଦେଶର ବିକାଶ ଘଟିବ। ମୃତ୍ତିକା ରସାୟନବିତ୍ ରବୀନ୍ଦ୍ରନାଥ ପଣ୍ଡା, ସହକାରୀ କୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚଳିତବର୍ଷ ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥାନର ବାର୍ତ୍ତା ମାଟିର ଲବଣତା ମୁକ୍ତ ଓ ମାଟିର ଉତ୍ପାଦକତା ବୃଦ୍ଧି ରହିଥିଲା। ମୃତ୍ତିକାର ଯତ୍ନ, ରକ୍ଷଣାବେକ୍ଷଣ ଓ ଲବଣତା ହ୍ରାସ ବିଷୟରେ ଅନେକ ତଥ୍ୟ ଉପସ୍ଥାପନ କରାଯାଇଥିଲା। ମୁଖ୍ୟତଃ ଜୈବିକ ସାର, ଖତର ବ୍ୟବହାର, ଚାରାରୋପଣ, ଫସଲ ପର୍ଯ୍ୟାୟ ଅନୁକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମାଟିର ଉପଚାର ଓ ବିଶୋଧନ ପାଇଁ ପରାମର୍ଶ ଦେଇଥିଲେ। ମାଟିର ଲବଣତା ହ୍ରାସ ଦ୍ୱାରା କିପରି ଅଧିକ ଉନ୍ନତ ଫସଲ ଅମଳ ହୋଇପାରିବ ସେ ସମ୍ପର୍କରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ପଲ୍ଲବୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫସଲ କ୍ଷୟକ୍ଷତି ବୁଲି ଦେଖିଲେ ବିଡିଓ

ବାଲିଅନ୍ତା,୫।୧୨(ଡି.ଏନ୍.ଏ.)

ଲଗାଣ ବର୍ଷାରେ ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅଞ୍ଚଳରେ ବ୍ୟାପକ ଧାନ ଓ ପନିପରିବା ଫସଲ କ୍ଷତି ହୋଇଛି। ପବନ ଯୋଗୁ ଧାନ ଫସଲ ପାଣିରେ ପଡ଼ି ନଷ୍ଟ ହୋଇଯାଇଛି। ରବିବାର ବାଲିଅନ୍ତା ବିଡିଓ ନାରାୟଣ ଚନ୍ଦ୍ର ନାୟକ ବିଭିନ୍ନ ପଞ୍ଚାୟତ ଗସ୍ତରେ ଯାଇ କ୍ଷତିଗ୍ରସ୍ତ ଧାନ କ୍ଷେତ୍ର ଓ ପନିପରିବା ଫସଲ ବୁଲି ଦେଖିଛନ୍ତି। ଜୟଦେବ ପଞ୍ଚାୟତର ମହୁଖଣ୍ଡା, ସାହେବନଗର, ଉପରସାହି କେନ୍ଦୁଲି ଦେଉଳି ମୌଜାର ଶହ ଶହ ଏକର ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

## ବର୍ଷାର ପ୍ରଭାବ



ବାତ୍ୟାଜନିତ ବର୍ଷାରେ ଖୋର୍ଦ୍ଧା ଜିଲା ବାଲୁଗାଁ ବ୍ଲକର ଏକ ଚାଷ ଜମିରେ ପାଚିଲା ଧାନ ପାଣିରେ ବୁଡି ରହିଛି।



ପୁରୀ ଜିଲା ବଳଙ୍ଗା ବଜାର ନିକଟ ଏକ ଚାଷଜମିରେ ଜଣେ ଚାଷୀ କ୍ଷତିଗ୍ରସ୍ତ ଧାନ ଫସଲ ଦେଖାଉଛନ୍ତି।



ବାତ୍ୟା ଜୱାଦ ପ୍ରଭାବରେ ରବିବାର କଟକ ଯୋବ୍ରା ଆନିକଟ୍ ରାସ୍ତା ଶୁନ୍‌ଶାନ୍।



କୋଣାର୍କ।



କଟକ ଜିଲା କଣ୍ଟାପଡା ବ୍ଲକ।



ଭୁବନେଶ୍ୱର ଝାରପଡ଼ା ଓଭରବ୍ରିଜ ନିକଟରୁ କଟକ ରୋଡ଼ର ଦୃଶ୍ୟ।



ଭୁବନେଶ୍ୱର ଜଗନ୍ନାଥନଗରରୁ ବାଇପାସ୍‌କୁ ଯାଇଥିବା ରାସ୍ତାରେ ପାଣି ଜମିଛି।

## ରୋଷେଇ ସମୟରେ ସିଲିଣ୍ଡର ଫାଟି ନିଆଁ ଲାଗିଲା

ସାଲେପୁର,(ଡି.ଏନ.ଏ): ସାଲେପୁର ବ୍ଲକ ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ଦୁର୍ଗାପୁର ଗ୍ରାମର ସ୍ନେହଲତା ମଲ୍ଲିକଙ୍କ ଘରେ ଶନିବାର ରାତିରେ ଗ୍ୟାସ ସିଲିଣ୍ଡର ଫାଟି ଘରେ ନିଆଁ ଲାଗିଯାଇଛି। ମାତ୍ର ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। ସ୍ନେହଲତା ଘରେ ରୋଷେଇ କରୁଥିବାବେଳେ ହଠାତ୍ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ଏହାଦେଖି ପରିବାର ଲୋକେ ତୁରନ୍ତ ପଦାକୁ ଚାଲି ଆସିଥିଲେ। ସୂଚନାପାଇ ସାଲେପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ମାତ୍ର ସେତେବେଳକୁ ସିଲିଣ୍ଡରରୁ ନିଆଁ ଲିଭାଇ ଦିଆଯାଇଥିଲା। ଏହି ଅଗ୍ନିକାଣ୍ଡରେ ସିଲିଣ୍ଡର ସମେତ ଘରର କିଛି ଆସବାବପତ୍ର ପୋଡ଼ିଯାଇଛି।



### ସଂକ୍ଷେପରେ

## ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ବକ୍ତୃତାମାଳା

କଟକ ଅଫିସ,୫।୧୨: ହାଇକୋର୍ଟ ବାର୍ ଆସୋସିଏଶନ ଏବଂ ଦି ଲ କଲେଜ ପୁରାତନ ଛାତ୍ର ସଂଘର ମିଳିତ ଆନୁକୂଲ୍ୟରେ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ବକ୍ତୃତାମାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବାର୍ ଆସୋସିଏଶନ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଆଇନ ମହାବିଦ୍ୟାଳୟରୁ ୪୮ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ପ୍ରତିଯୋଗୀଙ୍କୁ ବଛାଯାଇଥିଲା। ସେମାନଙ୍କୁ ଆସନ୍ତା ୧୨ ତାରିଖରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ତଥା ଆଇନଜୀବୀ ଜେ.କେ. ଲେଙ୍କା ସୂଚନା ଦେଇଛନ୍ତି। ପୁରାତନ ଛାତ୍ର ସଂଘ ସଭାପତି ଟହଲି ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାର୍ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁ ଉପସ୍ଥିତ ଥିଲେ। ବିଚାରକ ଭାବେ ଆଇନଜୀବୀ ଲେଙ୍କା, ଦୀପ୍ତିରେଖା ନନ୍ଦ ଓ ବୀରେନ ଶଙ୍କର ତ୍ରିପାଠୀ ଯୋଗଦେଇଥିଲେ।

## ଆଜିଠୁ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାରଙ୍ଗ,୫।୧୨(ଡି.ଏନ୍.ଏ.): କଲ୍ୟାଣପୁର ପଞ୍ଚାୟତସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଗଣ୍ଡରପୁର ଖେଳପଡ଼ିଆରେ ସୋମବାରଠାରୁ ସର୍ବ ଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ସହରାଞ୍ଚଳ ବିଭାଗରେ ମୋଟ୍ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଚାମ୍ପିୟନ ଟିମକୁ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଟିମ୍‌କୁ ୪୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିପରି ଗ୍ରାମାଞ୍ଚଳ ବିଭାଗରେ ଗୋପାଳପୁର, ଟାଙ୍ଗୀବନ୍ତ, ନରଣପୁର, ବରାହିପୁର, ପ୍ରତାପନଗରୀ, ଉସୁମା ଟିମ୍ ଅଂଶଗ୍ରହଣ କରିବେ ବୋଲି କ୍ଲବର କ୍ରୀଡା ସମ୍ପାଦକ ଯୁବରାଜ ପଢ଼ିହାରି କହିଛନ୍ତି। ଗ୍ରାମାଞ୍ଚଳ ଚାମ୍ପିୟନ ଟିମକୁ ୩୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଟିମକୁ ୨୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ୧୨ତାରିଖ ଉଦ୍‌ଯାପନୀ ଦିବସରେ ଗ୍ରାମାଞ୍ଚଳ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ବ୍ୟାଟେରି ଚାଳିତ ବାଇକ୍ ଓ ସହରାଞ୍ଚଳ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ହିରୋହୋଣ୍ଡା ବାଇକ୍ ପ୍ରଦାନ କରାଯିବ ମାନସ ପଢ଼ିହାରୀ କହିଛନ୍ତି।

# ‘ଶହୀଦଙ୍କ ବଳିଦାନ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ’


ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ଶହୀଦଙ୍କ ପରିବାର ସଦସ୍ୟ।

କଟକ ଅଫିସ,୫।୧୨

ନ୍ୟାଶନାଲ କ୍ୟାଡେଟ୍ କର୍ପସ(ଏନ୍‌ସିସି) ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ରବିବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ଏହି ଏହି ଅବସରରେ ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉଦ୍ଦେଶ୍ୟରେ ବିଜୟ ଶୃଙ୍ଖଳା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଏନ୍‌ସିସି କଟକ ଗ୍ରୁପ୍ କମାଣ୍ଡର କଲୋନେଲ ରଜନୀଶ କପୁର ସଭାପତିତ୍ୱ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ସୁରକ୍ଷା ପାଇଁ ଶହୀଦ ଯବାନଙ୍କୁ ଲୋକେ ସବୁଦିନ ପାଇଁ ମନେରଖିବେ। ଶହୀଦଙ୍କ ବଳିଦାନ ଏନ୍‌ସିସି କ୍ୟାଡେଟ୍ ଓ ଭବିଷ୍ୟତର ନାଗରିକଙ୍କୁ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ନାୟକ କହିଥିଲେ। ସେହିପରି ସମ୍ମାନିତ ଅତିଥିଭାବରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶହୀଦ ନାଏବ ସୁବେଦାର ଗୋପବନ୍ଧୁ ରାଉତ ଓ ଶହୀଦ ସିପାହି ଭାସ୍କର ନାଏକଙ୍କ ପରିବାରକୁ ସମ୍ମାନୀତ କରାଯାଇଥିଲା। ଗୋପବନ୍ଧୁଙ୍କ ପକ୍ଷରୁ ସ୍ତ୍ରୀ ରେବତୀ ରାଉତ ଓ ଭାସ୍କରଙ୍କ ପକ୍ଷରୁ ପୁଅ ପାଜି ନାଏକ ଏହି ସମ୍ମାନ ଗ୍ରହଣ କରିଥିଲେ।

## ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୧ ସ୍କୁଲ ରୂପାନ୍ତରଣ ହେବ

କଟକ ଅଫିସ,୫।୧୨

୫-ଟି ଅଧୀନରେ କଟକ ଜିଲାରେ ଥିବା ବିଭିନ୍ନ ସ୍କୁଲକୁ ରୂପାନ୍ତର କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୧ଟି ସ୍କୁଲ ରୂପାନ୍ତରଣ କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୧ଟି ସ୍କୁଲ ରୂପାନ୍ତରଣ କରାଯିବ। ସେଗୁଡ଼ିକ ହେଲା ତୁଳସୀପୁର, ରଘୁନାଥଜୀଉ, ଛତ୍ରବଜାର, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟ, ବକ୍ସି ବାଳିକା ଉଚ୍ଚ ବିଦ୍ୟାଳୟ, ପିଏମ୍ ଏକାଡେମୀ, ସୟିଦ ସେମିନାରୀ ଉଚ୍ଚ ବିଦ୍ୟାଳୟ, ଯୋବ୍ରାସ୍ଥିତ ମ୍ୟୁନିସପାଲ ଉଚ୍ଚ ବିଦ୍ୟାଳୟ, ମା’ ତାରିଣୀ ବିଦ୍ୟାପୀଠ, ଓଜିପିସି ଉଚ୍ଚ ବିଦ୍ୟାଳୟ ଓ ସିଆରଆରଆଇ ଉଚ୍ଚ ବିଦ୍ୟାଳୟ। ଏହି କାର୍ଯ୍ୟ ଆସନ୍ତାବର୍ଷ ମାର୍ଚ୍ଚ ୫ ତାରିଖ ମଧ୍ୟରେ ଶେଷ କରିବାକୁ ଯୋଜନା ରଖାଯାଇଛି । ଏ ନେଇ ସୋମବାର ୱେବିନାରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସିଏମ୍‌ସି ଡେପୁଟି କମିଶନର ସଞ୍ଜୁକ୍ତା ରାୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


ବାଲୁଗାଁ: ବାତ୍ୟା ଜୱାଦ ପ୍ରଭାବରେ ରବିବାର ସକାଳେ ଅଶାନ୍ତ ଚିଲିକା।

## ୫ ଦୋକାନ, ଗ୍ରାହକ ସେବାକେନ୍ଦ୍ରରୁ ଚୋରି

ସାଲେପୁର,୫।୧୨(ଡି.ଏନ.ଏ)

ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ ରାମେଶ୍ୱର ବଜାରସ୍ଥିତ ୫ ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଏହି ବଜାରର ଏକ ପାନ ଦୋକାନ, ଔଷଧ, ଗ୍ରୋସେରି, ଇଲେକ୍ଟ୍ରିକାଲ ଦୋକାନ ଓ ସାବିଜିପୁର ଛକସ୍ଥିତ ଏକ ଗ୍ରୋସେରି ଦୋକାନର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଓ ଟଙ୍କା ଚୋରି କରିନେଇଛନ୍ତି। ସେହିପରି ସ୍ଥାନୀୟ ଗ୍ରାହକ ସେବା କେନ୍ଦ୍ରରୁ ଏକ ଲାପଟପ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି।

# ଭକ୍ତଙ୍କ ପାଇଁ ୪ ଦିନ ବନ୍ଦ ରହିପାରେ ଶ୍ରୀମନ୍ଦିର

ପୁରୀ ଅଫିସ, ୫।୧୨

ଚଳିତ ମାସ ଶେଷ ସପ୍ତାହରେ ୪ଦିନ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ ବୋଲି ସୂଚନା ମିଳିଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ କି ଘୋଷଣା କରାଯାଇନାହିଁ। ସୋମବାର ଏ ନେଇ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୀତିକାନ୍ତି ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଡିସେମ୍ବର ୨୫ରୁ ଜାନୁଆରୀ ୧ ତାରିଖ ମଧ୍ୟରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥାଏ। ଏହି ଗହଳି ଆଶଙ୍କା ତଥା କୋଭିଡ୍ ଗାଇଡ୍ ଲାଇନ୍‌କୁ ଦୃଷ୍ଟିରେ ରଖି ୨୫ ତାରିଖ ବଡ଼ଦିନ, ୨୬ ତାରିଖ ରବିବାର, ୩୧ ତାରିଖ ବର୍ଷ ଶେଷ ଏବଂ ଜାନୁଆରୀ ୧ ତାରିଖ ନୂଆବର୍ଷ ଦିନ ଶ୍ରୀମନ୍ଦିରରେ ସର୍ବସାଧାରଣ ବନ୍ଦ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇନାହିଁ।

# ଜଗତପୁର ଭିଆଇପି ରାସ୍ତା ଶୋଚନୀୟ

- ଅଧିକାଂଶ ସ୍ଥାନରେ ଖାଲ
- ଯାତାୟତରେ ସମସ୍ୟା, ଘଟୁଛି ଦୁର୍ଘଟଣା
- ଅଭିଯୋଗ ସତ୍ତ୍ୱେ ମରାମତି ହେଉନି

କଟକ ଅଫିସ, ୫।୧୨



ଜଗତପୁର ଆନିକଟଠାରୁ ବିରୂପା ବ୍ୟାରେଜ ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ୨ କିମି ଭିଆଇପି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାବେଳେ ୧୩ଟି ହମ୍ପ ରହିଛି। ଏଥିଯୋଗୁ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଥିବାବେଳେ ଯାତାୟାତରେ ସମସ୍ୟା ହେଉଛି। ଏପରି କି ରାସ୍ତାର ଦୁଇ ପାର୍ଶ୍ୱରେ ଗଛଲଟା ମାଡିଯାଇଥିବା ଦେଖିବାକୁ ମିଳିଛି। ରାସ୍ତା ମରାମତି ପାଇଁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତୁରନ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଜଗତପୁର ଆନିକଟ୍‌ର ଶିକାରୀପୁରଠାରୁ ଫକୀରପୁର, ଲକ୍ଷ୍ମଣପୁର, ପୁରୁଣା ଜଗତପୁର ଅନ୍ଧାରୀ ଦେଇ ବିରୂପା ବ୍ୟାରେଜ ପର୍ଯ୍ୟନ୍ତ ଏହି ରାସ୍ତା ଲମ୍ବିଛି। ବହୁ ସଂଖ୍ୟକ ଲୋକ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏପରି କି ପ୍ରତିଦିନ ୫୦ରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସ ଯାତାୟାତ କରିଥାଏ। ଏହି ରାସ୍ତାର ବିରୂପା ନଦୀକୂଳରେ ଜଳସେଚନ, ଗ୍ରାମ୍ୟ ଉନ୍ନୟନ ଓ ବ୍ୟାରେଜ ଡିଭିଜନର ୩ଟି ଡାକବଙ୍ଗଳା ରହିଛି। ଫଳରେ ଏହି ରାସ୍ତା ଦେଇ ଅନେକ ନେତା, ମନ୍ତ୍ରୀ ଓ ଯନ୍ତ୍ରୀ ଡାକବଙ୍ଗଳାକୁ ଆସିଥାନ୍ତି। ହେଲେ ଏଥିପ୍ରତି କାହାରି ନଜର ପଡିବା ଭଳି ମନେ ହେଉନାହିଁ। ଅନ୍ୟପକ୍ଷରେ ଏହି ରାସ୍ତା ପାର୍ଶ୍ୱରେ ଥିବା କେନ୍ଦ୍ରୀୟ ୱାଟର ସ୍ପୋର୍ଟ୍ସରେ ଅନ୍ତର୍ଜାତୀୟ ରୋଇଂ, କାନାଇଙ୍ଗ୍ ଭଳି ବିଭିନ୍ନ ଜଳକ୍ରୀଡା ମ୍ୟାଚ ଅନୁଷ୍ଠିତ ହୋଇଥାଏ। ଏହାଛଡା ଦେଶବିଦେଶର ବହୁ କ୍ରୀଡାବିତ୍ ଏହି ରାସ୍ତାପାର୍ଶ୍ୱରେ ଥିବା ସାଇ ହଷ୍ଟେଲରେ ରହୁଛନ୍ତି। ପ୍ରତିଦିନ ଯାତାୟାତରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦୀର୍ଘବର୍ଷ ଧରି ଜଳସେଚନ ବିଭାଗ ଅଧୀନରେ ରହିଥିଲା। ହେଲେ ୨ ବର୍ଷ ହେବ ବ୍ୟାରେଜ ଡିଭିଜନ ଏହାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି।

### ଏମାନେ କୁହନ୍ତି...

“୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ନିମ୍ନମାନର କାମ ଯୋଗୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଖାଲଖମା ଯୋଗୁ ଯାତାୟାତରେ ଅସୁବିଧା ହେଉଛି।

**ସୁଧାକର ଗଡ଼ନାୟକ, ସ୍ଥାନୀୟ ବାସିନ୍ଦା**

“ରାସ୍ତା ମରାମତି ପାଇଁ ମହାନଦୀ ବ୍ୟାରେଜ ଡିଭିଜନର ନିର୍ବାହୀଯନ୍ତ୍ରୀଙ୍କୁ ଲିଖିତ ଆକାରରେ ଜଣାଇଥିଲୁ। ରାସ୍ତା ପ୍ରଶସ୍ତୀକରଣ ସମୟରେ ଏହାର ମରାମତି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କରାଯାଇନାହିଁ। ଯଥାଶୀଘ୍ର ଏହାର ମରାମତି ପାଇଁ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପଦକ୍ଷେପ ନିଆଯାଉଛି।

**ନିରୋଧ ଚନ୍ଦ୍ର ପଣ୍ଡା, ପୂର୍ବତନ କର୍ପୋରେଟର**

“ଏହି ରାସ୍ତା ପୂର୍ବରୁ ଜଳସେଚନ ବିଭାଗ ଅଧୀନରେ ରହିଥିଲା। ଦୁଇବର୍ଷହେବ ଏହା ଆମ ବିଭାଗ ଅଧୀନକୁ ଆସିଛି । ଅର୍ଥାଭାବରୁ ଆମେ ଏହାର ମରାମତି କରିପାରି ନ ଥିଲୁ। ଏବେ ଏହାର ମରାମତି କରିବାକୁ ସ୍ଥିର କରିଛୁ।

**ବାବୁଲାଲ ବେହେରା,ନିର୍ବାହୀଯନ୍ତ୍ରୀ, ମହାନଦୀ ବ୍ୟାରେଜ ଡିଭିଜନ**

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁମନ୍ତ


@ ଶୈଳ


@ ବୀରକିଶୋର


@ ସନ୍ତୃପ୍ତ


@ ଦେବେନ୍ଦ୍ର


@ ଉତ୍ତରା

## ବାଙ୍କୀ-ତ୍ରିଶୂଳିଆ ରାସ୍ତା ଆଲୋକୀକରଣ ହେଉ

ବାଙ୍କୀ,୫।୧୨(ସ୍ୱ.ପ୍ର.)

ବାଙ୍କୀ- ତ୍ରିଶୂଳିଆ ରାସ୍ତାରେ ଆଲୋକୀକରଣ ପାଇଁ ଦାବି ହୋଇଛି। ଏନେଇ ଅଦ୍ୱୈତ୍ୟ ଫାଉଣ୍ଡେଶନର ମହାସଚିବ ନଳିନୀ ରାୟ ୫-ଟି ସଚିବ, ମୋ ସରକାର ଜିଲା ପ୍ରଶାସନ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନିକଟରେ ଦାବି କରିଛନ୍ତି। ସେ ଦାବିପତ୍ରରେ ଦର୍ଶାଇଛନ୍ତି, ରାସ୍ତାର ଉଭୟ ପାର୍ଶ୍ୱରେ ବଣଜଙ୍ଗଲ ଓ ମହାନଦୀ ରହିଛି। ଏହି ବାଟଦେଇ ଦୈନିକ ବହୁ ଲୋକ ଯାତାୟାତ କରୁଛନ୍ତି। ଏହି ରାସ୍ତା ସମ୍ବଲପୁର, ବଲାଙ୍ଗୀର, ଢେଙ୍କାନାଳ, ଅନୁଗୋଳ, ଖୋର୍ଦ୍ଧା, କଣ୍ଟିଲୋ, ନୟାଗଡ଼ ଆଦି ସଂଲଗ୍ନ କରୁଛି। ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଏକ ପାର୍ଶ୍ୱ ଏହି ରାସ୍ତା କଡ଼ରେ ରହିଛି। ଏହାସତ୍ତ୍ୱେ ରାସ୍ତାରେ ଆଲୋକୀକରଣ ପାଇଁ ବ୍ୟବସ୍ଥା ହୋଇ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟାବେଳେ ଏହି ରାସ୍ତା ନିଶାଖୋର, ଚୋରଙ୍କ ଆଡ୍ଡାସ୍ଥଳୀ ପାଲଟୁଥିବାବେଳେ ହାତୀମାନେ ଯାତାୟତ କରୁଛନ୍ତି। ତୁରନ୍ତ ଏନେଇ ବ୍ୟବସ୍ଥା କରିବାକୁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ତ୍ରିପାଠୀ କହିଛନ୍ତି, ଦାବି ସମ୍ପର୍କରେ ସେ ଅବଗତ ଅଛନ୍ତି। ଖୁବଶୀଘ୍ର ଏନେଇ ପଦକ୍ଷେପ ନିଆଯିବ।


କଟକ ଟାଉନ ହଲ୍‌ରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସାହିତ୍ୟ ପ୍ରକାସନୀ ସଂସ୍ଥା ପକ୍ଷରୁ ପ୍ରକାଶିତ ପୁସ୍ତକ ‘ଏକାମ୍ର ମାନବ ଦର୍ଶନ, ପଥିକ ଓ ପାଥେୟ, ସ୍ୱାଧୀନତା ସମରରେ ଓଡ଼ିଶାର ଅମରଯୋଦ୍ଧା’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।


ପୁରୀ: ଜଗନ୍ନାଥ ବଲ୍ଲଭ ସମ୍ମୁଖରେ ରବିବାର ମହାପ୍ରଭୁଙ୍କ ଶ୍ରାଦ୍ଧନୀତି ସମ୍ପନ୍ନ ପରେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ଫେରୁଛନ୍ତି।



ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ପଞ୍ଚାୟତରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରବିବାର ସ୍ଥାନୀୟ ଲୋକେ ପ୍ରତିବାଦ କରୁଛନ୍ତି।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ଖୁଣ୍ଟୁଣୀ,(ଡି.ଏନ୍.ଏ.)- ଦନ୍ତାହାତୀ ଆକ୍ରମଣରେ ଗୁରୁଡିଝାଟିଆ ଥାନା ଅଧୀନ ଦଣ୍ଡାପଡିଆ ଗ୍ରାମର ସୋମା ହେମ୍ବ୍ରମ ନାମକ ଯୁବକ ଗୁରୁତର ହୋଇଛନ୍ତି। ରବିବାର ସନ୍ଧ୍ୟାରେ ସେ ନିକଟରେ ଥିବା ଚାଷଜମି ଜଗିବା ପାଇଁ ଯାଉଥିଲେ। ଏହି ସମୟରେ ନିକଟସ୍ଥ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରୁ ଏକ ହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା ଅନ୍ୟ ଲୋକମାନେ ଏ ସମ୍ପର୍କରେ ଖୁଣ୍ଟୁଣୀ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର ପହଞ୍ଚି ସୋମାଙ୍କୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇଥିଲେ। ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବିଭାଗ ବହନ କରିବ ବୋଲି ମାଥୁର କହିଛନ୍ତି।

# ବର୍ଷା ଉଜାଡିଦେଲା ଚାଷ

■ଧାନ, ପରିବା ଫସଲରେ ପାଣି
■ଚିନ୍ତାରେ ଚାଷୀ

**କଣ୍ଟାପଡା/ଚୌଦ୍ୱାର/ବାଙ୍କୀ/ନିଶ୍ଚିନ୍ତକୋଇଲି, ୫।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

ବାତ୍ୟା 'ଜୱାଦ' ପ୍ରଭାବରେ ବର୍ଷା ହେବାରୁ କଣ୍ଟାପଡା, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଧାନ ଓ ପରିବା ଫସଲରେ ପାଣି ଜମିଛି। କଣ୍ଟାପଡା ବ୍ଲକ କୃଷି ବିଭାଗ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ କରାଯାଇଥିବା ଅକଳନ ଅନୁଯାୟୀ, ବର୍ଷା ଯୋଗୁ ପ୍ରାୟ ୩୯୧୨ ହେକ୍ଟର ଜମିରେ ପାଚିଲାଧାନ ନଷ୍ଟ ହେବା ଆକଳନ କରାଯାଇଛି। ଏଭଳି ପାଗ ଲାଗି ରହିଲେ ଛୋଟ ଧାନଗଛ ମଧ୍ୟ ନଷ୍ଟ ହେବ ବୋଲି କୃଷିବିଭାଗ ଆକଳନ କରିଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଓ ଶନିବାର ଦୁଇଦିନରେ ବ୍ଲକରେ ୬୫ ମିମି ବର୍ଷା ରେକର୍ଡ କରାଯାଇଛି। ରବିବାର ପ୍ରାୟ ୧୦୦ ମିମି ବର୍ଷା ହୋଇଥିବା ଅନୁମାନ କରାଯାଉଛି। କ୍ଷୟକ୍ଷତି ଆକଳନ ପାଇଁ ତହସିଲଦାର ମିତାଞ୍ଜଳୀ ଦାଶ ରାଜସ୍ୱ ବିଭାଗର ଏକ ଟିମ୍ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି।

ବର୍ଷାରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ଆଗ୍ରାହାଟ, ନଖରା, ଶାଳଗାଁ, ବ୍ରହ୍ମପୁର, ମହିସାଲଣ୍ଡା, ଶଙ୍କରପୁର, ମଙ୍ଗରାଜପୁର, ବଡ଼ସାମନ୍ତରାପୁର, ବାଣୀପଦା, ନପଙ୍ଗ, କୟଳପଡ଼ା, ନୂଆପାଟଣା, ମଞ୍ଚେଶ୍ୱର, କଖଡ଼ି, ଅନନ୍ତପୁର, ଧୁରୁଷିଆ, ଘଣ୍ଟିଖାଲ, ମହାକାଳବସ୍ତ ପଞ୍ଚାୟତର ଶତାଧିକ ଏକର ଜମିରେ ଧାନ ପାଣିରେ ବୁଡି ରହିଛି। ବାତ୍ୟା ପାଇଁ ସରକାରଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିଲେ ମଧ୍ୟ ବିଲରେ ଧାନ ସମ୍ପୂର୍ଣ୍ଣ ଭାବେ ପାଚି ନ ଥିବାରୁ ଚାଷୀମାନେ ଅମଳ କରିପାରି ନ ଥିଲେ। ସେହିପରି ନଦୀପାର୍ଶ୍ୱରେ ଥିବା ବିଲରେ ପାଣି ଜମି ରହିବାରୁ ପରିବା ନଷ୍ଟ ହୋଇଛି। ଋଣ ଆଣି ଚାଷୀମାନେ ପରିବା ଚାଷ କରିଥିଲେ। ହେଲେ ଏବେ କିଭଳି ଋଣ ଶୁଝିବେ, ତାହାକୁ ନେଇ ସେମାନେ ଚିନ୍ତାରେ ପଡିଛନ୍ତି। ଗତ ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ବଜାରରେ ବିଭିନ୍ନ ପରିବା ଦର ଉଚ୍ଚା ରହିଥିଲା। ଶୀତଦିନିଆ ନୂଆ ପରିବା ବଜାରକୁ ଆସିବା ପରେ ଦର ହ୍ରାସ ପାଇବ ବୋଲି ବ୍ୟବସାୟୀ ଓ ଖାଉଟିମାନେ ଆଶା କରିଥିଲେ। ହେଲେ ଏହି ବର୍ଷାରେ ପରିବା ଫସଲ ନଷ୍ଟ ହୋଇଯାଇଥିବାରୁ ଆଶା ମଉଳି ଯାଇଥିବା ବ୍ୟବସାୟୀ କାଳନ୍ଦୀ ରାଉତ, ବନ୍ଧୁଆ ସାହୁ ଓ ବାବାଜୀ ବେହେରା କହିଛନ୍ତି।


ଚୌଦ୍ୱାରର ଏକ ଚାଷଜମିରେ ନଷ୍ଟ ହୋଇଥିବା ଧାନ ଫସଲ।

ବାଙ୍କୀ ଓ ଡମପଡ଼ା ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ଧାନ, ପରିବା ଫସଲରେ ପାଣି ଜମିଛି। ଫଳରେ ଧାନ ଗଜା ଓ ଫିମ୍ପି ମାରିବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ରଣନଦୀ ଓ ଚନ୍ଦ୍ରପା ଅଞ୍ଚଳର ଖାଲୁଆ ଜମିରେ ରହିଥିବା ଫସଲ ନଷ୍ଟ ହୋଇଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି କେତେଜଣ ଚାଷୀ ଜମିରୁ ଧାନ କାଟି ତରବରିଆ ଭାବେ ଖଳାରେ ରଖିଥିଲେ । ସେଥିରେ ମଧ୍ୟ ପାଣି ପଶି ନଷ୍ଟ ହୋଇଯାଇଛି। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକରେ ମଧ୍ୟ ବହୁ ଧାନ ଓ ପରିବା ଫସଲ ନଷ୍ଟ ହୋଇଛି । ବର୍ଷା ଜଳ ନିଷ୍କାସିତ ହୋଇ ନ ଥିବାରୁ ଅନେକ ଲୋକ ଗୃହବନ୍ଦୀ ହୋଇଯାଇଛନ୍ତି। ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଋଣ ଆଣି ଚାଷ କରିଥିବା ଚାଷୀ ଟଙ୍କା କିପରି ଶୁଝିବେ ସେନେଇ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

## ଶ୍ରୀମନ୍ଦିରରେ ଦେବଦୀପାବଳି ନୀତି ସମ୍ପନ୍ନ

**ପୁରୀ ଅଫିସ, ୫।୧୨**

ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ୩ଦିନ ଧରି ଚାଲିଥିବା ଦେବଦୀପାବଳି ନୀତି ରବିବାର ସମ୍ପନ୍ନ ହୋଇଛି। ଏହି ଅବସରରେ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ଶ୍ରାଦ୍ଧ ପ୍ରଦାନ କରିଥିଲେ। ମହାପ୍ରଭୁ ଶ୍ରାଦ୍ଧବେଶ ଧାରଣ କରି ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାରାଣୀଙ୍କୁ ଦୀପଦାନ କରିବା ସହ ଶ୍ରାଦ୍ଧ ଦେଇଛନ୍ତି। ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ସୂତା ବା ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ୧୬ହାତ, ଶ୍ରୀବଳଭଦ୍ର ୧୪ ହାତ ଓ ଦେବୀ ସୁଭଦ୍ରା ୧୨ ହାତ ଲମ୍ବର ନାଗପୁରୀ ଶାଢ଼ି ପରିଧାନ କରିଥିଲେ। ଠାକୁରମାନେ ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ପରେ ରତ୍ନସିଂହାସନ ତଳେ ଭଣ୍ଡାର ମେକାପ ଚାଉଳରେ ଏକ ଗଛ ନିର୍ମାଣ କରିଥିଲେ। ପରେ ମଦନମୋହନ ଦକ୍ଷିଣୀ ଘରୁ ବିଜେ ହୋଇଥିଲେ। ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପ ସଂସ୍କାର କରିଥିଲେ। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ବନ୍ଦାପନା ନୀତି ସାରି ଆଜ୍ଞାମାଳ ଆଣି ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରମାନଙ୍କୁ ନେଇ ଚାଉଳ ଗଛ ପାଖକୁ ଯିବା ପରେ ପଢିଆରୀ ଜୟବିଜୟ ଦ୍ୱାର ଖୋଲିଥିଲେ। ମହାଦୀପ ବନ୍ଦାପନା ନୀତି ପରେ ଚୂନରା ସେବକ ଶ୍ରୀମନ୍ଦିର ଅଁଳାବେଢ଼ାରେ ଦୀପମାନ ଜାଳିଥିଲେ। ପରେ ଶ୍ରୀଦେବୀ, ଭୂଦେବୀ ଏବଂ ମଦନମୋହନଙ୍କୁ ମହାଜନ ସେବକମାନେ ଝୁଲଣମଣ୍ଡପ ନିକଟ ବିମାନକୁ ବିଜେ କରାଇଥିଲେ। ନୀତି ସମ୍ପାଦନ ପରେ ବିମାନବଡୁ ସେବକମାନେ ବିମାନକୁ ନେଇ ଜଗନ୍ନାଥବଲ୍ଲଭ ମଠରେ ବିଜେ କରାଇଥିଲେ।

## ମହିଳା ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

### ମାନସିକ ଚାପରେ ଥିଲେ

**ଭୁବନେଶ୍ୱର, ୫।୧୨(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ବନ୍ଦ ଘରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସ୍ଥାନୀୟ ଥାନା ଗଣ୍ଡମୁଣ୍ଡାରେ ରହୁଥିବା ଗଞ୍ଜାମ ଜିଲା ବ୍ରହ୍ମପୁରର ସୁଲଚନା ଗମାଙ୍ଗ(୨୭)। ସେ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଏକ ବ୍ୟାଙ୍କରେ କର୍ମଚାରୀ ଭାବେ କାମ କରୁଥିଲେ। ତେବେ ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ମାନିସିକ ଚାପରେ ଥିଲେ। ଏଥିଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିବାହ ପରେ ସ୍ୱାମୀଙ୍କ ସହ ସୁଲଚନାଙ୍କ ମନମାଳିନ୍ୟ ହେବାରୁ ସେ ୫ ବର୍ଷ ହେଲା ଗଣ୍ଡମୁଣ୍ଡା ଲେଜ୍‌ଭେଲିରେ ଆସି ରହୁଥିଲେ। ତେବେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାବେଳେ ଘରର ଭିତରପଟୁ କବାଟ ବନ୍ଦ ଥିବାରୁ ପଡୋଶୀ ଡାକ ପକାଇଥିଲେ। ତେବେ ସେ କବାଟ ନ ଖୋଲିବାରୁ ପୋଲିସକୁ ଖବର ଦେଇଥିଲେ।

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିର୍ବାଚନ



ଅଧିକାରୀମାନେ ନିର୍ବାଚନ ପରିଚାଳନା କରୁଛନ୍ତି।

**କଟକ ଅଫିସ, ୫।୧୨**

କଟକ ଆୟକର ଭବନରେ କେନ୍ଦ୍ରୀୟ ଓ ଆଞ୍ଚଳିକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା। ଆୟକର ଅଧିକାରୀ ବିପିନ ବିହାରୀ ଦାସ ନିର୍ବାଚନ ପରିଚାଳନା କରିଥିବାବେଳେ ଆଇଟିଆରସି ସେକ୍ରେଟାରି ମହମ୍ମଦ ନଜରୁଲ ଇସ୍‌ଲାମ, ଆୟକର ନିରୀକ୍ଷକ ଶିବ ପ୍ରସାଦ ରଥ, ରଞ୍ଜନ କୁମାର ବେହେରା, ବିକ୍ରମ ଖଟେଇ, ଦେବବ୍ରତ ମହାନ୍ତି ସହଯୋଗ କରିଥିଲେ। ନିର୍ବାଚନ ଶୃଙ୍ଖଳାର ସହିତ ହୋଇଥିବାରୁ ଓଡ଼ିଶା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ଅଧ୍ୟକ୍ଷ ଲଲାଟେନ୍ଦୁ ସାହୁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ | ଅବହେଳା ଯୋଗୁ ମାଟି ମା' ରୋଗଗ୍ରସ୍ତ

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ କୃଷି ଭବନଠାରେ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହାକୁ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ମାଟିକୁ ମା' ସହିତ ତୁଳନା କରି ମନ୍ତ୍ରୀ କହିଲେ, ମୁଠାଏ ମାଟି ସୃଷ୍ଟି ହେବା ପାଇଁ ୧୦ ସହସ୍ର ବର୍ଷ ଲାଗିଥାଏ। କିନ୍ତୁ ଆଜି ସେହି ମାଟି ମା' ଅଯତ୍ନ ଓ ଅବହେଳା ପାଇଁ ଅସୁସ୍ଥ ଓ ରୋଗାଗ୍ରସ୍ତ। ରାଜ୍ୟର ପ୍ରାୟ ୭ଟି ଜିଲାରେ ୨.୫ ଲକ୍ଷ ହେକ୍ଟର ଲବଣାକ୍ତ ସମୁଦ୍ରକୂଳିଆ ଅଞ୍ଚଳ ରହିଛି। ଏହି ଅଞ୍ଚଳରେ କୃଷିର ଉନ୍ନତି ପାଇଁ ଗବେଷଣା ନିତାନ୍ତ ଦରକାର। ଏଥିପାଇଁ ସେ ଓୟୁଏଟିର କୁଳପତିଙ୍କୁ ପ୍ରଚେଷ୍ଟା କରିବା ପାଇଁ ଅନୁରୋଧ କରିଥିଲେ। ଏଥିସହ ଓୟୁଏଟି, ସୋଆ କୃଷି ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ୍ କୃଷି ବିଶ୍ୱବିଦ୍ୟାଳୟ ଆଦି ସମସ୍ତଙ୍କୁ ଏକତ୍ରିତ କରି ମାଟିସୁସ୍ଥତା ବିଷୟରେ ଏକ ସମ୍ମିଳନୀ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗର ଶାସନ ସୁରେଶ କୁମାର ସଚିବ ବଶିଷ୍ଠ କହିଲେ, ମାଟିର ସୁସ୍ଥତା ବଜାୟ ରଖିବା ପାଇଁ ଜନସଚେତନତା ଆବଶ୍ୟକ। ଏଥିସହ ବିଭାଗର ସମସ୍ତ ଉତ୍ପାଦନଭିତ୍ତିକ ଯୋଜନାରେ ମାଟି ସ୍ୱାସ୍ଥ୍ୟ ପରିଚାଳନା ଓ ବିଭିନ୍ନ ରୁଗ୍‌ଣ ମାଟିର ସୋଧନ ଏବଂ ଏହାର ଉତ୍ପାଦିକା ଶକ୍ତି ବୃଦ୍ଧି ବିଷୟରେ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ସ୍ୱାଗତ ଭାଷଣ ଦେଇ କୃଷି ବିଭାଗରେ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ମୃତ୍ତିକାକୁ ସୁସ୍ଥ ରଖିବା ପାଇଁ ରାଜ୍ୟର ବିଭିନ୍ନ ମୃତ୍ତିକା ପରୀକ୍ଷାଗାରଗୁଡ଼ିକରେ ହେଉଥିବା ମୃତ୍ତିକା ପରୀକ୍ଷା କାର୍ଡ ଚାଷୀଙ୍କ ମଧ୍ୟରେ ବଣ୍ଟନ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ଉପଯୋଗୀ ସାର ପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଓୟୁଏଟି କୁଳପତି ଡ. ଅଗ୍ରୱାଲ ମାଟିର ଲବଣତା କିପରି ହ୍ରାସ କରାଯିବ ତାହା ଉପରେ ବିଶେଷ ସନ୍ଦର୍ଭ ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମୃତ୍ତିକା ରସାୟନ ବିଭାଗ ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର ସୁବୋଧ କୁମାର ସାହୁଙ୍କ ଲିଖିତ ପୁସ୍ତକ 'ମୃତ୍ତିକା' ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ରୋହିତ କୁମାର ଲେଙ୍କା ଯୋଗଦେଇ ବିଶ୍ୱ ମୃତ୍ତିକା ଦିବସର ଉପାଦେୟତା ତଥା ଚଳିତ ବର୍ଷର ବାର୍ତ୍ତା 'ମୃତ୍ତିକା ଲବଣତାର ପ୍ରତିରୋଧ ଓ ଏହାର ଉତ୍ପାଦିକା ଶକ୍ତି ବୃଦ୍ଧି' ଉପରେ ଆଲୋକପାତ କରିଥିଲେ।

## ବର୍ଷାର ପ୍ରଭାବ


ବାତ୍ୟାଜନିତ ବର୍ଷାରେ ଖୋର୍ଦ୍ଧା ଜିଲା ବାଲୁଗାଁ ବ୍ଲକର ଏକ ଚାଷ ଜମିରେ ପାଚିଲା ଧାନ ପାଣିରେ ବୁଡି ରହିଛି।


ପୁରୀ ଜିଲା ବଳଙ୍ଗା ବଜାର ନିକଟ ଏକ ଚାଷଜମିରେ ଜଣେ ଚାଷୀ କ୍ଷତିଗ୍ରସ୍ତ ଧାନ ଫସଲ ଦେଖାଉଛନ୍ତି।


ବାତ୍ୟା ଜୱାଦ ପ୍ରଭାବରେ ରବିବାର କଟକ ଯୋବ୍ରା ଆନିକଟ୍ ରାସ୍ତା ଶୁନ୍‌ଶାନ୍।



କୋଣାର୍କ।


ଭୁବନେଶ୍ୱର ଜଗନ୍ନାଥନଗରରୁ ବାଇପାସ୍‌କୁ ଯାଇଥିବା ରାସ୍ତାରେ ପାଣି ଜମିଛି।


କଟକ ଜିଲା କଣ୍ଟାପଡା ବ୍ଲକ।


ଭୁବନେଶ୍ୱର ଝାରପଡ଼ା ଓଭରବ୍ରିଜ ନିକଟରୁ କଟକ ରୋଡ଼ର ଦୃଶ୍ୟ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୫।୧୨।୨୦୨୧

| | |
|---|---|
| ୨୪,୨୮୫ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

ପୁରୀ

- ଜିଲା ପ୍ରଶାସନ ପକ୍ଷରୁ ଜୟୀ ରାଜଗୁରୁଙ୍କ ୨୧୫ତମ ଶ୍ରାର୍ଦ୍ଧବାର୍ଷିକୀ ପାଳନ, ବୀରହରେକୃଷ୍ଣପୁର ଗ୍ରାମ, ପୂର୍ବାହ୍ନ ୧୦ଟା ୪୦।
- ଡ. ବି.ଆର. ଆମ୍ବେଦକରଙ୍କ ମହାପରାୟଣ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସଂସ୍କୃତି ଭବନ, ଅପରାହ୍ନ ୪ଟା।

## ସଂକ୍ଷେପରେ

### ଭକ୍ତଙ୍କ ପାଇଁ ୪ ଦିନ ବନ୍ଦ ରହିପାରେ ଶ୍ରୀମନ୍ଦିର

**ପୁରୀ ଅଫିସ,୫।୧୨:** ଚଳିତ ମାସ ଶେଷ ସପ୍ତାହରେ ୪ଦିନ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ ବୋଲି ସୂଚନା ମିଳିଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ କି ଘୋଷଣା କରାଯାଇନାହିଁ। ସୋମବାର ଏ ନେଇ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୀତିକାନ୍ତି ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଡିସେମ୍ବର ୨୫ରୁ ଜାନୁଆରୀ ୧ ତାରିଖ ମଧ୍ୟରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥାଏ। ଏହି ଗହଳି ଆଶଙ୍କା ତଥା କୋଭିଡ୍ ଗାଇଡ୍ ଲାଇନ୍‌କୁ ଦୃଷ୍ଟିରେ ରଖି ୨୫ ତାରିଖ ବଡ଼ଦିନ, ୨୬ ତାରିଖ ରବିବାର, ୩୧ ତାରିଖ ବର୍ଷ ଶେଷ ଏବଂ ଜାନୁଆରୀ ୧ ତାରିଖ ନୂଆବର୍ଷ ଦିନ ଶ୍ରୀମନ୍ଦିରରେ ସର୍ବସାଧାରଣ ବନ୍ଦ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇନାହିଁ।

### ଟଳିଲା ବାତ୍ୟା ବିପଦ: ଆଶ୍ୱସ୍ତ ପୁରୀବାସୀ

**ପୁରୀ ଅଫିସ, ୫।୧୨:** ପୁରୀରୁ ବାତ୍ୟା ଜୱାଦ ବିପଦ ଟଳିଯାଇଛି। ଫଳରେ ପୁରୀବାସୀ ଆଶ୍ୱସ୍ତ ହୋଇଛନ୍ତି। ସେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରିଛନ୍ତି। ମହାପ୍ରଭୁଙ୍କ ଯୋଗୁ ପୁରୀବାସୀଙ୍କ ଉପରୁ ବାତ୍ୟା ବିପଦ ଟଳିଗଲା ବୋଲି ସମସ୍ତଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ବାତ୍ୟା ପ୍ରଭାବରେ ପୁରୀ ଜିଲାରେ ୬୨୪.୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ପୁରୀ ସହରରେ ୩୨.୦ ମିଲି ମିଟର ବର୍ଷା ରେକର୍ଡ କରାଯାଇଛି। ପୁରୀ ସହରର ତଳିଆ ଅଞ୍ଚଳରେ ବର୍ଷାପାଣି ଜମିଥିବା ଦେଖିବାକୁ ମିଳିଛି । କିପରି ତଳି ଅଞ୍ଚଳରୁ ପାଣି ଶୀଘ୍ର ନିଷ୍କାସନ ହେବ ସେଥିପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବାତ୍ୟା ପ୍ରଭାବ କମିବା ପରେ ରବିବାର ପୁରୀ ଆକାଶରେ ଏକ ଭିନ୍ନ ରଙ୍ଗ ଦେଖିବାକୁ ମିଳିଥିଲା। ଆକାଶ ରଙ୍ଗ ଇଷତ ନାଲି ଏବଂ ହଳଦିଆ ଦେଖାଯାଇଥିଲା। ଏହା ବେଶ୍ ଆର୍କଷଣ ହୋଇଥିଲା। ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳ ଲୋକ ବେଳାଭୂମିକୁ ଆସି ଏହି ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ।

# ଠିକ୍ ତଥ୍ୟ ଉପସ୍ଥାପନ ହୋଇନାହିଁ

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିବା ପ୍ରସଙ୍ଗ**

- ଆଜି ୬ ସ୍ଥାନରେ ପାଳନ ହେବ ବଳିଦାନ ଦିବସ
- ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସୁ : ଜଟାଧାରୀ

**ଖୋର୍ଦ୍ଧା ଅଫିସ,୫।୧୨**

୧୮୧୭ ପାଇକ ବିଦ୍ରୋହକୁ ରାଜ୍ୟ ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୂପେ ଘୋଷଣା କରିବା ପାଇଁ ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଛନ୍ତି। ଏହି ଐତିହାସିକ ସଂଗ୍ରାମ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପାଖରେ ଠିକ୍ ଭାବେ ତଥ୍ୟ ଉପସ୍ଥାପନ କରାଯାଇପାରିନାହିଁ। ଏ ବିଷୟରେ ପରିଷଦ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଉନାହିଁ ବୋଲି ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସମ୍ପାଦକ ଡ. ଜଟାଧାରୀ ମିଶ୍ର କହିଛନ୍ତି।

ଡ. ମିଶ୍ର କହିଛନ୍ତି, ସୋମବାର ପରିଷଦ ଆନୁକୂଲ୍ୟରେ ଶହୀଦ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ରାଜ୍ୟ ତଥା ରାଜ୍ୟ ବାହାରେ ପାଳନ କରାଯିବା ପାଇଁ ସ୍ଥିର ହୋଇଛି। ବିଭିନ୍ନ ସ୍ଥାନରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ସ୍ଥାନୀୟ ସଭ୍ୟମାନଙ୍କୁ ଅନୁରୋଧ କରାଯାଇଛି। ଚଳିତବର୍ଷ ପ୍ରଥମଥର ଓଡ଼ିଶାର ୬ଟି ଉଚ୍ଚ ବିଦ୍ୟାଳୟରେ ଶହୀଦ ଦିବସ ପାଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିସହ ଜୟୀରାଜଗୁରୁଙ୍କ ସହ ପାଇକ ବିଦ୍ରୋକୁ ନେଇ ନିଜ ମତ ରଖିଛନ୍ତି। ପ୍ରଥମତଃ ପାଇକ ବିଦ୍ରୋହର ସମୟ କାଳ (ଅର୍ଥାତ ଆରମ୍ଭ ଓ ଶେଷ) ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ। ଦ୍ୱିତୀୟତଃ, ଏଥିରେ କେବଳ ବକ୍ସି ଜଗବନ୍ଧୁଙ୍କୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏହି ଆନ୍ଦୋଳନରେ ୧୭୧ ଜଣଙ୍କୁ ମୃତ୍ୟୁଦଣ୍ଡ, ଆଜୀବନ କାରାବାସ, ଦେଶାନ୍ତର ଓ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ବିଷୟ ପରିଷଦ ବାରମ୍ବାର ଉତ୍ଥାପନ କରିଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇନାହିଁ। ତୃତୀୟତଃ, ପାଇକ ବିଦ୍ରୋହ ଉପରେ ଆଇସିଏଚ୍‌ଆର୍, ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ ଯେଉଁ ବିଷୟ ସ୍ଥାନିତ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି, ତାହା ସ୍ୱାଗତଯୋଗ୍ୟ। କିନ୍ତୁ ବାସ୍ତବ ତଥ୍ୟ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସି ନ ଥିବାରୁ ଏହାକୁ ପୁନରାୟ ଅନୁସନ୍ଧାନ କରାଯାଇ ରିପୋର୍ଟ ଆସିବା ପରେ ପାଠ୍ୟକ୍ରମରେ ସ୍ଥାନିତ କରାଯିବାକୁ ପରିଷଦ ନିବେଦନ କରୁଛି।

ପରିଷଦର ମତ ଯେ, ୧୮୦୩ ଅକ୍ଟୋବର ୧୪ରେ ଇଂରେଜମାନେ କଟକ ବାରବାଟୀ ଦୁର୍ଗ ଦଖଲ କରି ବିଜୟ ଦିବସ ଘୋଷଣା କରିବା ପରେ ୧୧-୦୩-୧୮୦୪ରେ ୨ହଜାରରୁ ଊର୍ଦ୍ଧ୍ୱ ପାଇକ କର୍ନେଲ ହାରକୋଟଙ୍କୁ କଟକରେ ଘେରାଉ କରି ସେମାନଙ୍କ ହକ ଓଡ଼ିଶା ରାଜ୍ୟ ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମସ୍ତ ପ୍ରଗଣାକୁ ଫେରାଇ ଦେବା ପାଇଁ ଦାବି କରିଥିଲେ। କିନ୍ତୁ କର୍ନେଲ ତାହା ଗ୍ରହଣ ନ କରିବାରୁ ଜୟୀ ରାଜଗୁରୁ ଯୁଦ୍ଧ ଡାକରା ଦେଇଥିଲେ। ତେଣୁ ବାସ୍ତବ କ୍ଷେତ୍ରରେ ପାଇକ ବିଦ୍ରୋହର ପ୍ରଥମ ଦିନ ଥିଲା ୧୮୦୪ ମାର୍ଚ୍ଚ ୧୧। ତେବେ ଏହି ବିଦ୍ରୋହ ୧୮୧୭ରେ ବକ୍ସିଙ୍କ ନେତୃତ୍ୱରେ ଅଧିକ ଭୟାବହ ରୂପ ଧାରଣ କରିଥିଲା। କିନ୍ତୁ ୧୮୨୫ରେ ବକ୍ସି ଆତ୍ମସମର୍ପଣ କରିବା ଦ୍ୱାରା ପାଇକ ବିଦ୍ରୋହର ଅବସାନ ହେଲା। ୧୮୦୪ରୁ ୧୮୨୫ ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ଧରି ପାଇକ ବିଦ୍ରୋହ ଚାଲିଥିଲା। କିନ୍ତୁ ଏ ବିଷୟରେ ବିଶେଷ ଆଲୋକପାତ କରାଯାଇନାହିଁ। ଏଣୁ ରାଜ୍ୟ ସରକାର ଐତିହାସିକ, ଗବେଷକ ଏବଂ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକଠାରୁ ତଥ୍ୟ ସଂଗ୍ରହ କରି କେନ୍ଦ୍ର ନିକଟରେ ପୁନର୍ବାର ଦାବି ଉପସ୍ଥାପନ କରନ୍ତୁ ବୋଲି ମିଶ୍ର ମତ ପ୍ରକାଶ କରିଛନ୍ତି।



ବାଲୁଗାଁ: ବାତ୍ୟା 'ଜୱାଦ' ପ୍ରଭାବରେ ରବିବାର ସକାଳେ ଅଶାନ୍ତ ହୋଇପଡ଼ିଥିବା ଚିଲିକାର ଦୃଶ୍ୟ।

## ସାକ୍ଷୀଗୋପାଳ ମନ୍ଦିରରେ ଦେବ ଦୀପାବଳି

**ସାକ୍ଷୀଗୋପାଳ,୫।୧୨(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିରରେ ରବିବାର ସନ୍ଧ୍ୟାରେ ଦେବ ଦୀପାବଳି ନୀତି ପାଳିତ ହୋଇଯାଇଛି। ମନ୍ଦିର ଚୂଡାକୁ ମହାଦୀପ ଉଠିବାପରେ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରରେ ଦୀପଦାନ କରାଯାଇଥିଲା। ଗରୁଡସ୍ତମ୍ଭ, ଅରୁଣସ୍ତମ୍ଭ, ସିଂହଦ୍ୱାର, ଅଲଗଡ ମହାବୀର ସେବାୟତ ସଂଘ କାର୍ଯ୍ୟାଳୟ, ଜାଗା ମହାବୀର, ଜାଗାଘର, ସେବକସାହି ଗ୍ରାମର ଜାଗେଶ୍ୱରୀ ମନ୍ଦିର, ଅନନ୍ତେଶ୍ୱର, ହରଚଣ୍ଡୀ ଓ ଘୁମେଇ ବରଗଛ, ମାଳେଶ୍ୱରୀ ଆଦି ମନ୍ଦିରରେ ଧାଡି ଧାଡି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ମାଳୀ ସେବାୟତ ଓ ସେବାୟତ ସଂଘ ପକ୍ଷରୁ କର୍ମଚାରମାନେ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ରଙ୍କ ମହାପାତ୍ର ମନ୍ଦିର ଚୂଡାକୁ ମହାଦୀପ ଉଠାଇଥିଲେ।

## ମୃତ୍ତିକା ସଂରକ୍ଷଣ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୫।୧୨**

ବିଶ୍ୱ ମୃତ୍ତିକା ଦିବସରେ ରବିବାର ପୁରୀ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ମୃତ୍ତିକା ରସାୟନବିତ୍ ନବକିଶୋର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ମୃତ୍ତିକା ପରୀକ୍ଷାର ଗୁରୁତ୍ୱ ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। କୃଷି ଜିଲା ଅଧିକାରୀ ଅନିଲ ଚନ୍ଦ୍ର ଦାସ ବିଭିନ୍ନ ଖାଦ୍ୟସାର ଏବଂ ଅଣୁସାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଲୁଣିମାଟିର ପରିଚାଳନା ତଥା ମାଟିକୁ କିପରି ଲୁଣି ହେବାରୁ ରୋକାଯାଇପାରିବ, ମୃତ୍ତିକା ସଂରକ୍ଷଣ, ମାଛ ଚାଷ, ମୃତ୍ତିକାକୁ ପରୀକ୍ଷା କରି ଖାଦ୍ୟ ସାର ପ୍ରୟୋଗ ଏବଂ ଜୈବିକ ଚାଷକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିର୍ବାଚନ

**କଟକ ଅଫିସ,୫।୧୨**

କଟକ ଆୟକର ଭବନରେ କେନ୍ଦ୍ରୀୟ ଓ ଆଞ୍ଚଳିକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦%ରୁ ଅଧିକ ମତଦାନ ହୋଇଛି। ଆୟକର ଅଧିକାରୀ ବିପିନ ବିହାରୀ ଦାସ ନିର୍ବାଚନ ପରିଚାଳନା କରିଥିଲେ। ମହମ୍ମଦ ନଜରୁଲ ଇସ୍‌ଲାମ, ଶିବ ପ୍ରସାଦ ରଥ, ରଞ୍ଜନ ବେହେରା, ବିକ୍ରମ ଖଟେଇ, ଦେବବ୍ରତ ମହାନ୍ତି ସହଯୋଗ କରିଥିଲେ।

# ପରିବାରକୁ ୮ ଲକ୍ଷ କ୍ଷତିପୂରଣ, ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ଅସ୍ତରଙ୍ଗ ଯୁବକଙ୍କ ହାଜତ ମୃତ୍ୟୁ ଘଟଣା**

**ଖୋର୍ଦ୍ଧା ଅଫିସ, ୫।୧୨**

ପୁରୀ ଜିଲା ଅସ୍ତରଙ୍ଗ ଥାନା ପୋଲିସ ମାଡ଼ରେ ଗୁରୁତର ଆହତ ହୋଇ ଯୋଗେନ୍ଦ୍ର ଦାସ (୪୦)ଙ୍କର ଗତ ୨୦୧୮ ନଭେମ୍ବର ୨୮ରେ ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ଯୋଗେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ମୃତକଙ୍କ ପରିବାରଙ୍କୁ ୮ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ ୬ସପ୍ତାହ ମଧ୍ୟରେ ତଦନ୍ତ ସମ୍ପର୍କିତ ରିପୋର୍ଟ ଦାଖଲ ଲାଗି ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ମାଳଦା ଗ୍ରାମର ଯୋଗେନ୍ଦ୍ର ୨୦୧୮ ଅକ୍ଟୋବର ୩୦ରେ ଗଜଲକ୍ଷ୍ମୀ ପୂଜା ଭସାଣୀ ଉତ୍ସବ ଉପଲକ୍ଷେ ଗ୍ରାମରେ ଆୟୋଜିତ ଭୋଜିରେ ରୋଷେୟା ଭାବେ ଯୋଗଦେଇଥିଲେ। ତେବେ ତାଙ୍କୁ ଭୋଜିକୁ ଡାକିଥିବା ଲୋକଙ୍କ ମଧ୍ୟରୁ କେତେଜଣ ତାଙ୍କ ବିରୋଧରେ ଆକ୍ରୋଶମୂଳକ ଭାବେ ଥାନାରେ ମିଥ୍ୟା ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଘଟଣାର କୌଣସି ତଦନ୍ତ କରି ନ ଥିଲା। ନଭେମ୍ବର ୧୪ରେ ଯୋଗେନ୍ଦ୍ର ଜଣେ ବନ୍ଧୁଙ୍କ ଘରକୁ ଯାଇଥିବାବେଳେ ପୋଲିସ ତାଙ୍କୁ ଉଠାଇ ଆଣି ଥାନାରେ ନିସ୍ଥୁକ ମାଡ଼ ମାରିଥିଲା। ଫଳରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ପରେ ପୋଲିସ ତାଙ୍କୁ ଚିକିତ୍ସା ନ କରାଇ ୧୫ ତାରିଖରେ ନିମାପଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ୧୬ ତାରିଖରେ ସେ କୋର୍ଟରୁ ଜାମିନରେ ମୁକୁଳିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ଘରକୁ ନ ଆଣି କଟକ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ନଭେମ୍ବର ୨୮ରେ ତାଙ୍କର ମୃତ୍ୟୁ ଘଟିଥିଲା। ଥାନାରେ ନିସ୍ଥୁକ ମାଡ଼ ଯୋଗୁ ତାଙ୍କ ସ୍ୱାମୀ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ତ୍ରୀ ପ୍ରତିମା ପୁରୀ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେହି ସମୟରେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଉଗ୍ରରୂପ ଧାରଣ କରିଥିଲା। ଗ୍ରାମବାସୀ ମୃତଦେହକୁ ଥାନା ଆଗରେ ରଖି ଧାରଣା ଦେଇଥିଲେ। ଏ ନେଇ ନଭେମ୍ବର ୨୮ରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ରେ ଖବର ପ୍ରକାଶ ପାଇଥିଲା।

# ଦେବଦୀପାବଳି ନୀତି ସମ୍ପନ୍ନ

**ପୁରୀ ଅଫିସ, ୫।୧୨**

ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ୩ଦିନ ଧରି ଚାଲିଥିବା ଦେବଦୀପାବଳି ନୀତି ରବିବାର ସମ୍ପନ୍ନ ହୋଇଛି। ଏହି ନୀତି ଅବସରରେ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ପ୍ରଦାନ କରିଥିଲେ। ଦେବଦୀପାବଳିର ତୃତୀୟ ଦିନ ଅର୍ଥାତ ମାର୍ଗଶିର ମାସ ପ୍ରତିପଦା ତିଥିରେ ରବିବାର ମହାପ୍ରଭୁ ଶ୍ରାଦ୍ଧ ବେଶ ଧାରଣ କରି ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାରାଣୀଙ୍କୁ ଦୀପଦାନ କରିବା ସହ ଶ୍ରାଦ୍ଧ ଦେଇଛନ୍ତି। ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ସୂତା ବା ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ୧୬ହାତ, ଶ୍ରୀବଳଭଦ୍ର ୧୪ ହାତ ଓ ଦେବୀ ସୁଭଦ୍ରା ୧୨ ହାତ ଲମ୍ବର ନାଗପୁରୀ ଶାଢ଼ି ପରିଧାନ କରିଥିଲେ। ଠାକୁରମାନେ ତଡଗୀ, ନଳୀଭୂଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡ଼କାନି, ହରିଡ଼ାମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ପରେ ରତ୍ନସିଂହାସନ ତଳେ ଭଣ୍ଡାର ମେକାପ ଚାଉଳରେ ଏକ ଗଛ ନିର୍ମାଣ କରିଥିଲେ। ପରେ ମଦନମୋହନ ଦକ୍ଷିଣୀ ଘରୁ ବିଜେ ହୋଇଥିଲେ। ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପ ସଂସ୍କାର କରିଥିଲେ। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ବନ୍ଦାପନା ନୀତି ସାରି ଆଜ୍ଞାମାଳ ଆଣି ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରମାନଙ୍କୁ ନେଇ ଚାଉଳ ଗଛ ପାଖକୁ ଯାଇଥିଲେ। ମହାଦୀପ ବନ୍ଦାପନା ନୀତି ପରେ ଚୂନରା ସେବକ ଶ୍ରୀମନ୍ଦିର ଅଁଳାବେଢ଼ାରେ ଦୀପମାନ ଜାଳିଥିଲେ। ପରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କୁ ମହାଜନ ସେବକମାନେ ଝୁଲଣମଣ୍ଡପ ନିକଟ ବିମାନକୁ ବିଜେ କରାଇଥିଲେ। ନୀତି ସମ୍ପାଦନ ପରେ ଜଗନ୍ନାଥବଲ୍ଲଭ ମଠରେ ବିଜେ କରାଇଥିଲେ। ପରେ ମୁଦିରସ୍ତ ବନ୍ଦାପନା କରି ଶ୍ରାଦ୍ଧ କାର୍ଯ୍ୟ ସମାପନ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁମନ୍ତ



@ ଶୈଳ



@ ବୀରକିଶୋର



@ ସନ୍ସ୍ଥିତ



@ ଦେବେନ୍ଦ୍ର



@ ଉତ୍ତରା

# ଖୋର୍ଦ୍ଧାରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ଶୀଘ୍ର ଜମି ହସ୍ତାନ୍ତର କରନ୍ତୁ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

'ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ' ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ରାଜ୍ୟ ସଭାରେ ଦେଇଥିବା ବିଭ୍ରାନ୍ତିକର ବିବୃତ୍ତିକୁ ନେଇ ତୀବ୍ର ସମାଲୋଚନା କରିଛି ଓଡିଶା ନାଗରିକ ମହାମଞ୍ଚ, କଳିଙ୍ଗ ପାଇକ ସଂଗଠନ। ରାଜ୍ୟ ସରକାର ଚିଠି ସହିତ ଯୋଗ୍ୟ ଐତିହାସିକ ତଥ୍ୟ କେନ୍ଦ୍ର ସରକାରଙ୍କୁ ଯୋଗାନ୍ତୁ ବୋଲି ପ୍ରଦ୍ୟୁମ୍ନ ଶତପଥୀଙ୍କ ସହିତ କଳିଙ୍ଗ ପାଇକ ସଂଗଠନର ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ମୋହନ ସୁନ୍ଦରଦଳସିଂରାୟ, ଅମରେନ୍ଦ୍ର ମହାପାତ୍ର, ବେଣୁଧର ହରିଚନ୍ଦନ, ଯନ୍ତ୍ରୀ ଶିଶିର ନାୟକ ପ୍ରମୁଖ କହିଛନ୍ତି। ବିଭିନ୍ନ ଘଟଣା ଓ ଉଦାହରଣ ଦେଇ ଏମାନେ 'ପାଇକ ବିଦ୍ରୋହ ୨୮୫୭ ଭାରତ ଇତିହାସର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ବୋଲି ଦାବି କରିଛନ୍ତି। ଏଥିସହ ସେମାନେ ଖୋର୍ଦ୍ଧାରେ ପାଇକ ସ୍ମାରକୀ ନିର୍ମାଣ ଶୀଘ୍ର କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସ୍ମାରକୀ ନିର୍ମାଣ ପାଇଁ ଜାଗା ହସ୍ତାନ୍ତର ହୋଇପାରି ନାହିଁ। ଏ ବାବଦରେ ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କୁ ବିନା ମୂଲ୍ୟରେ ଜାଗା ହସ୍ତାନ୍ତର କରନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି।



କଟକ ଟାଉନ ହଲ୍‌ରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସାହିତ୍ୟ ପ୍ରକାସନୀ ସଂସ୍ଥା ପକ୍ଷରୁ ପ୍ରକାଶିତ ପୁସ୍ତକ 'ଏକାତ୍ମ ମାନବ ଦର୍ଶନ, ପଥିକ ଓ ପାଥେୟ, ସ୍ୱାଧୀନତା ସମରରେ ଓଡ଼ିଶାର ଅମରଯୋଦ୍ଧା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ପୁରୀ: ଜଗନ୍ନାଥ ବଲ୍ଲଭ ସମ୍ମୁଖରେ ରବିବାର ମହାପ୍ରଭୁଙ୍କ ଶ୍ରାଦ୍ଧନୀତି ସମ୍ପନ୍ନ ପରେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ଫେରୁଛନ୍ତି।




ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ପଞ୍ଚାୟତରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରବିବାର ସ୍ଥାନୀୟ ଲୋକେ ପ୍ରତିବାଦ କରୁଛନ୍ତି।

# ବର୍ଷା ଆଣିଲା ଦୁର୍ଦ୍ଦଶା, ଚିନ୍ତାରେ ଚାଷୀ

**ପିପିଲି/ଡେଲାଙ୍ଗ/ଗୋପ/ବଳଙ୍ଗା/କୋଣାର୍କ/କଣାସ/କାକଟପୁର/ସାକ୍ଷୀଗୋପାଳ, ୫।୧୨: (ଡି.ଏନ୍.ଏ/ସ୍ୱ.ପ୍ର.)**

ବାତ୍ୟା 'ଜୱାଦ' ବିପଦ ଟଳିଯାଇଛି ହେଲେ ଏହାର ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ପୁରୀ ଜିଲାର ବିଭିନ୍ନ ବ୍ଲକରେ ବ୍ୟାପକ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ପିପିଲିରେ ୨୪.୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପିପିଲି ବ୍ଲକର ୨୫ଟି ପଞ୍ଚାୟତ ଏବଂ ପିପିଲି ଏନ୍ଏସି ଅଞ୍ଚଳର ବହୁ ଚାଷଜମି ବର୍ଷାପାଣିରେ ବୁଡ଼ି ରହିଛି। ଚାଷୀ ନିଜ କ୍ଷତିଗ୍ରସ୍ତ ଚାଷଜମିରେ ଠିଆହୋଇ ଜିପିଏସ୍ ଫଟୋ ଉଠାଇବା ସହ ଜମିପଟ୍ଟାର ନକଲ ନିକଟସ୍ଥ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପିପିଲି ବିଡିଓ ରଶ୍ମିତା ନାଥ କହିଛନ୍ତି। ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଡେଲାଙ୍ଗ ବ୍ଲକର ୨୧ଟି ପଞ୍ଚାୟତର ୧୫ହଜାର ହେକ୍ଟର ଚାଷଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଛି। କୋଣାର୍କ ଅଞ୍ଚଳ ସମେତ କାଦୁଆନୂଆଗାଁ, ସିମିଳି, ମହଲପଡ଼ା, ବନାଖଣ୍ଡି, କୁରୁଜଙ୍ଗ, ଅବଦାନ, ଅଚ୍ୟୁତପୁର ପଞ୍ଚାୟତ ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହେବା ସହ ବ୍ୟାପକ ଧାନ ଫସଲ କ୍ଷତି ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ଯୋଗାଇଦେବାକୁ କୃଷକ ନେତା ମନୋରଞ୍ଜନ ପରିଡା, ଭାଗୀରଥି ସ୍ୱାଇଁ, ସିମିଳି ବିଜେଡି ନେତା ବିଜୟ କୁମାର ସେଠ, ଅଚ୍ୟୁତପୁର ସରପଞ୍ଚ ଭକ୍ତ ବଲ୍ଲଭ ଦାଶ, ବନାଖଣ୍ଡି ସରପଞ୍ଚ ଜିତେନ୍ଦ୍ର ମଲ୍ଲିକ, କାଦୁଆନୂଆଗାଁ ପଞ୍ଚାୟତର କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଦାବି କରିଛନ୍ତି। ବର୍ଷା ଯୋଗୁ ବଳଙ୍ଗା ଥାନା ଅଞ୍ଚଳର ୧୭ଟି ପଞ୍ଚାୟତ ଅଞ୍ଚଳର ଚାଷଜମି ଜଳମଗ୍ନ ହେବା ସହ ବ୍ୟାପକ ଧାନ ଓ ପରିବା ଫସଲ କ୍ଷତି ହୋଇଛି। ଧାନ ତଳେ ପଡ଼ିଯାଇଥିବା ବେଳେ ପାଣି ଦୁଇ ଫୁଟ ଉପରେ ଚାଲୁଛି। ଋଣ କରି ଚାଷ କରିଥିବା ଚାଷୀମାନେ ପରିବାର ପ୍ରତିପୋଷଣ ଓ ଋଣ କରି ପରିଶୋଧ କିପରି କରିବେ ସେ ନେଇ ଚିନ୍ତାରେ ପଡିଯାଇଛନ୍ତି।

### ସ୍ଥିତି ଅନୁଧ୍ୟାନ କଲେ ଗଣଶିକ୍ଷା ମନ୍ତ୍ରୀ, ପିପିଲି ବିଧାୟକ



ପିପିଲି ଅଞ୍ଚଳର ଏକ ଚାଷ ଜମିରେ ପାଣିରେ ଭିଜୁଥିବା ଧାନ।

ଲଗାଣ ବର୍ଷାରେ କାକଟପୁର ବ୍ଲକ ଅଞ୍ଚଳର ଶହ ଶହ ଏକର ଧାନ ଓ ପରିବା ଫସଲ ନଷ୍ଟ ହୋଇଯାଇଛି। ପବନରେ ଧାନ ଫସଲ ତଳେ ପଡ଼ି ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଫସଲର ଆକଳନ ସହ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ କାକଟପୁର ଚାଷୀ ସଙ୍ଗଠନ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି ହେଉଛି। ଲଗାଣ ବର୍ଷାରେ ସତ୍ୟବାଦୀ ବ୍ଲକ ଅଞ୍ଚଳର ଶହ ଶହ ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହିବା ସହ ଧାନ ଓ ପରିବା ଫସଲ ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ଯୋଗାଇଦେବାକୁ ଆଞ୍ଚଳିକ କୃଷକ ସଙ୍ଗଠନର ଗୋପୀ ମିଶ୍ର, କୈଳାସ ବରାଳ ପ୍ରମୁଖ ଦାବି କରିଛନ୍ତି। ବାତ୍ୟା ଟଳିଯାଇଥିଲେ ମଧ୍ୟ ଲଗାଣ ବର୍ଷା ଛଡେଇ ନେଇଛି ଚାଷୀ ମୁହଁରୁ ହସ। ଗୋପ ବ୍ଲକ ଅଞ୍ଚଳର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଫଳରେ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ଏହି ବ୍ଲକର ବେଦପୁର, ନାଗପୁର, ଅଣ୍ଡରା-ଇଚ୍ଛାପୁର, ଗଣେଶ୍ୱରପୁର, ବନ୍ତଲିଗ୍ରାମ, ଗୋପ ସମେତ ୩୧ ପଞ୍ଚାୟତରେ ହୋଇଥିବା ଧାନ ପସଲ ପାଣିରେ ବୁଡ଼ି ରହିଛି। ରବିବାର ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। କ୍ଷୟକ୍ଷତି ଆକଳନ ପରେ ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। କଣାସ ବ୍ଲକ ଅଞ୍ଚଳର ଧାନ, ଚିନାବାଦାମ, ବିରି, ମୁଗ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ପବନରେ ଧାନ ଫସଲ ତଳେ ପଡ଼ି ନଷ୍ଟ ହୋଇଯାଇଛି। ଗଙ୍ଗସାନପୁଟ, ଗଙ୍ଗବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଙ୍ଗବଳଭଦ୍ରପୁର ପଞ୍ଚାୟତର ଚାଷୀମାନେ ଚିନାବାଦାମ ଓ ପନିପରିବା ଜମିରେ ପାଣି ଜମିଥିବାରୁ ପଚିଯିବା ଆଶଙ୍କା ରହିଛି। ତୁରନ୍ତ ପ୍ରଶାସନ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇଦେବା ଲାଗି କୃଷକ ନେତା ଅଶୋକ ପ୍ରଧାନ ଓ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। କ୍ଷୟକ୍ଷତି ଆକଳନ ଲାଗି ଜିଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### 'ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କର'

**କଣାସ,୫।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଙ୍ଗସାନପୁଟ ପଞ୍ଚାୟତ ଝାରକଟା ପ୍ରାଥମିକ ବିଦ୍ୟାଳୟ ଏବଂ ତ୍ରିଲୋଚନପୁର ପଞ୍ଚାୟତ ତ୍ରିଲୋଚନପୁରଠାରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଙ୍ଗସାନପୁଟ ସରପଞ୍ଚ ସଚ୍ଚିକାନ୍ତ ଛୋଟରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ହେଲ୍ଥ୍ ସୁପରଭାଇଜର୍ କଳିଙ୍ଗ କୁମାର ଉପାଧ୍ୟାୟ, ପ୍ରଶାନ୍ତ କୁମାର ବିଶ୍ୱାଳ, ଅରୁଣ କୁମାର ଦାସ ପ୍ରମୁଖ ଯୋଗଦେଇ ଏହି ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ତ୍ରିଲୋଚନପୁରରେ ସସ୍ମିତା ବରାଳ, ପ୍ରଶାନ୍ତ କୁମାର ବିଶ୍ୱାଳ, ଜ୍ୟୋସ୍ନାରାଣୀ ଘଡେଇ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ସରକାର ବିଭିନ୍ନ ଆଇନ ପ୍ରଣୟନ କରି ଆର୍ଥିକ ସହାୟତା ଯୋଗାଇଦେବା ସହ ସେମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ନେଇ ସୂଚନା ଦେଇଥିଲେ।

### ମହିଳା ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ବନ୍ଦ ଘରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସ୍ଥାନୀୟ ଥାନା ଗଣ୍ଡମୁଣ୍ଡାରେ ରହୁଥିବା ଗଞ୍ଜାମ ଜିଲା ବ୍ରହ୍ମପୁରର ସୁଲଚନା ଗମାଙ୍ଗ(୨୭)। ସେ ମାଷ୍ଟରକ୍ୟାଣ୍ଟିନ୍ସ୍ଥିତ ଏକ ବ୍ୟାଙ୍କରେ କର୍ମଚାରୀ ଭାବେ କାମ କରୁଥିଲେ। ତେବେ ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ମାନସିକ ଚାପରେ ଥିଲେ। ଏଥିଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିବାହ ପରେ ସ୍ୱାମୀଙ୍କ ସହ ସୁଲୋଚନାଙ୍କ ମନମାଳିନ୍ୟ ହେବାରୁ ସେ ୫ ବର୍ଷ ହେଲା ଗଣ୍ଡମୁଣ୍ଡା ଲେଜ୍ଭେଲିରେ ଆସି ରହୁଥିଲେ। ତେବେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାବେଳେ ଘରର ଭିତରପଟୁ କବାଟ ବନ୍ଦ ଥିବାରୁ ପଡୋଶୀ ଡାକ ପକାଇଥିଲ। ସେ କବାଟ ନ ଖୋଲିବାରୁ ପୋଲିସକୁ ଖବର ଦେଇଥିଲେ।

## ତ୍ରିଲୋଚନପୁର ଆୟୁର୍ବେଦିକ ଚିକିତ୍ସାଳୟ ଜରାଜୀର୍ଣ୍ଣ

**କଣାସ, ୫।୧୨(ସ୍ୱ.ପ୍ର.)**



କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମରେ ୧୯୭୨ ମସିହାରେ ତ୍ରିଲୋଚନପୁର ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ତ୍ରିଲୋଚନପୁର, ଗଡ଼ବଡ଼ପୁଟ, ଗଡ଼ସାନପୁଟ, ଅଁଳାଯୋଡ଼ି, ପାଣ୍ଡିଆକେରା ଏବଂ ଡେଲାଙ୍ଗ ବ୍ଲକ କଲ୍ୟାଣପୁର ପଞ୍ଚାୟତର ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆୟୁର୍ବେଦିକ ଚିକିତ୍ସା ଯୋଗାଇବାରେ ଏହି ଚିକିତ୍ସା କେନ୍ଦ୍ର ସକ୍ରିୟ ଭୂମିକା ଗ୍ରହଣ କରିଆସୁଛି। ପ୍ରଥମେ ଏହା ଏକ ଚାଳଘରେ ଖୋଲାଯାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗରେ ଦୁଇବଖରା କୋଠାଘର ନିର୍ମାଣ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହୋଇଆସୁଛି। କିନ୍ତୁ ଦୀର୍ଘବର୍ଷ ହେଲା ରକ୍ଷଣାବେକ୍ଷଣ ଅଭାବରୁ ଚିକିତ୍ସାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କବାଟ, ଝରକା ଭାଙ୍ଗିଯାଇଥିବା ବେଳେ ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଛି। ଗୋଟିଏ ବଖରା ଭାଙ୍ଗିଯାଇଥିବାରୁ ତାହାକୁ ବନ୍ଦ ରଖାଯାଇଛି। ଅନ୍ୟ ବଖରାରେ ଚିକିତ୍ସାଳୟ ଚାଲିଛି। ଜଣେ ଡାକ୍ତର ଓ ଜଣେ ସହାୟକ ଏଠାରେ ନିଯୁକ୍ତି ହୋଇଥିବା ବେଳେ ଔଷଧ ଭଣ୍ଡାର ମଧ୍ୟ ରହିଛି। ଗୃହ ଅଭାବରୁ ରୋଗୀମାନେ ଚିକିତ୍ସାଳୟ ବାହାରେ ରହି ଚିକିତ୍ସିତ ହେଉଛନ୍ତି। ଘରଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ଡାକ୍ତର ଓ ରୋଗୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ନୂତନ ଗୃହ ନିର୍ମାଣ ନିମନ୍ତେ ଗ୍ରାମବାସୀ ବାରମ୍ବାର ଦାବି କଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଡାକ୍ତର ସ୍ୱର୍ଣ୍ଣଲତା ସେଠୀ ଏଭଳି ଦୁରବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି। ତୁରନ୍ତ ଚିକିତ୍ସାଳୟ ମରାମତି କିମ୍ବା ପୁନଃ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## ଅବହେଳା ଯୋଗୁ ମାଟି ମା' ରୋଗଗ୍ରସ୍ତ

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ କୃଷି ଭବନଠାରେ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହାକୁ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ମାଟିକୁ ମା' ସହିତ ତୁଳନା କରି ମନ୍ତ୍ରୀ କହିଲେ, ମୁଠାଏ ମାଟି ସୃଷ୍ଟି ହେବା ପାଇଁ ୧୦ ସହସ୍ର ବର୍ଷ ଲାଗିଥାଏ। କିନ୍ତୁ ଆଜି ସେହି ମାଟି ମା' ଅଯତ୍ନ ଓ ଅବହେଳା ପାଇଁ ଅସୁସ୍ଥ ଓ ରୋଗାଗ୍ରସ୍ତ। ରାଜ୍ୟର ପ୍ରାୟ ୭ଟି ଜିଲାରେ ୨.୫ ଲକ୍ଷ ହେକ୍ଟର ଲବଣାକ୍ତ ସମୁଦ୍ରକୂଳିଆ ଅଞ୍ଚଳ ରହିଛି। ଏହି ଅଞ୍ଚଳରେ କୃଷିର ଉନ୍ନତି ପାଇଁ ଗବେଷଣା ନିତାନ୍ତ ଦରକାର। ଏଥିପାଇଁ ସେ ଓୟୁଏଟିର କୁଳପତିଙ୍କୁ ପ୍ରଚେଷ୍ଟା କରିବା ପାଇଁ ଅନୁରୋଧ କରିଥିଲେ। ଏଥିସହ ଓୟୁଏଟି, ସୋଆ କୃଷି ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ୍ କୃଷି ବିଶ୍ୱବିଦ୍ୟାଳୟ ଆଦି ସମସ୍ତଙ୍କୁ ଏକତ୍ରିତ କରି ଏକ ସମ୍ମିଳନୀ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗର ଶାସନ ସୁରେଶ କୁମାର ସଚିବ ବଶିଷ୍ଠ କହିଲେ, ମାଟିର ସୁସ୍ଥତା ବଜାୟ ରଖିବା ପାଇଁ ଜନସଚେତନତା ଆବଶ୍ୟକ। ଏଥିସହ ବିଭାଗର ସମସ୍ତ ଉତ୍ପାଦନଭିତ୍ତିକ ଯୋଜନାରେ ମାଟି ସ୍ୱାସ୍ଥ୍ୟ ପରିଚାଳନା ଓ ବିଭିନ୍ନ ରୁଗ୍ଣ ମାଟିର ସୋଧନ ଏବଂ ଏହାର ଉତ୍ପାଦିକା ଶକ୍ତି ବୃଦ୍ଧି ବିଷୟରେ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ସ୍ୱାଗତ ଭାଷଣ ଦେଇଥିଲେ।

## 'ଦୟାନଦୀକୁ ଖନନ ସହ ଚିରସ୍ରୋତା କରାଯାଉ'

**କଣାସ,୫।୧୨(ସ୍ୱ.ପ୍ର.)**

କଣାସ ବ୍ଲକରେ ପ୍ରବାହିତ ଦୟା ନଦୀ ଶଯ୍ୟା ଦୀର୍ଘଦିନ ହେଲା ପୋତି ହୋଇ ପଡ଼ିଥିବାରୁ ନଦୀରେ ପ୍ରାୟ ୮ ମାସ ହେବ ପାଣି ଆସୁ ନାହିଁ। ଫଳରେ ନଦୀପଠାରେ ପରିବା ଚାଷ କରି ଚଳୁଥିବା ଚାଷୀମାନେ ଏବେ ଚିନ୍ତାରେ ଅଛନ୍ତି। ଏହାକୁ ଖନନ କରାଯାଇ ଦୟାନଦୀକୁ ଚିରସ୍ରୋତା କରିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ସୂଚନାଯୋଗ୍ୟ, ଚିରସ୍ରୋତା କୁଆଖାଇର ଶାଖା ନଦୀ ହେଉଛି ଦୟାନଦୀ। ଖୋର୍ଦ୍ଧା ଜିଲା ବାଲକାଟି ନିକଟ ସରଦେଇପୁରଠାରେ କୁଆଖାଇରୁ ବାହାରି ଦୟାନଦୀ ଧଉଳି, ତିରିମଲ୍ଲ, ଘୋରଡିଆ, ତ୍ରିଲୋଚନପୁର, କଣାସ, ଜଙ୍କିଆ, ଗଡ଼ିଶାଗୋଦା ପ୍ରଭୃତି ଅଞ୍ଚଳ ଦେଇ ଦୀର୍ଘ ୬୦କି.ମି ଅତିକ୍ରାନ୍ତ କଲାପରେ ଚିଲିକାରେ ମିଶିଛି। ଦୟାନଦୀର ଶାଖା ନଦୀ ରାଜୁଆ ଚିରସ୍ରୋତା ହୋଇଥିବାବେଳେ ତିରିମଲ୍ଲଠାରେ ନୂଆଦୋକନ୍ଦା ପର୍ଯ୍ୟନ୍ତ ୨୫ କି.ମି ଦୟା ନଦୀର ଶଯ୍ୟା ବାଲି ଓ ପଟୁମାଟିରେ ପୋତି ହୋଇପଡ଼ିଛି। ଫଳରେ ବର୍ଷର ଅଧିକାଂଶ ସମୟ ଦୟାନଦୀ ଶୁଖିଲା ପଡୁଥିବା ବେଳେ ରାଜୁଆ ନଦୀରେ ଜଳ ପ୍ରବାହିତ ହେଉଛି। କୌଣସି ବଡ଼ଧରଣର ବନ୍ୟା ଆସିଲେ ବନ୍ୟାଜଳ ନିଷ୍କାସନରେ ବ୍ୟାଘାତ ସୃଷ୍ଟିହୋଇ ବହୁଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ଧନଜୀବନ ନଷ୍ଟ ହେଉଛି। ବନ୍ୟାଜଳ ଛାଡ଼ିବା ପରେ ଭଲ ଫସଲ ହୋଇଥାଏ। ପରବର୍ତ୍ତୀ ୮ମାସ ନଦୀ ଶୁଖିଯିବା ଯୋଗୁ ନଦୀକୂଳରେ ଥିବା ଜଟଣୀ, ଡେଲାଙ୍ଗ, କଣାସ ବ୍ଲକର ୨୫ରୁ ଅଧିକ ପଞ୍ଚାୟତର ଲୋକେ ଜଳାଭାବର ସମ୍ମୁଖୀନ ହୁଅନ୍ତି। ଦିନ ଥିଲା, ଏହି ନଦୀପଠାରେ ଚାଷ ହେଉଥିବା ବିପୁଳ ପରିମାଣର ପରିବା ବାହାର ରାଜ୍ୟକୁ ପଠାଯାଉଥିଲା। ମାତ୍ର ନଦୀଶଯ୍ୟା ପୋତି ହୋଇପଡିବାରୁ ନଦୀକୂଳ ଚାଷୀମାନେ ପରିବା ଚାଷ କରିପାରୁନାହାନ୍ତି। ଏହି ନଦୀ ଖନନ କରାଗଲେ କଣାସ, ଡେଲାଙ୍ଗ, ଜଟଣୀ ବ୍ଲକର ୬୦ ହଜାର ଏକର ଚାଷଜମିକୁ ଜଳସେଚନ ସୁବିଧା ହୋଇପାରିବ। ଦୟାନଦୀ ଖନନ କରାଯାଇ ଚିରସ୍ରୋତା କରିବାକୁ ବିଭିନ୍ନ କୃଷକ ସଙ୍ଗଠନ ଓ ସାମାଜିକ କର୍ମୀ ସୁକାନ୍ତ ସାମନ୍ତରାୟ ଏବଂ ଶ୍ରୀକାନ୍ତ ପଟ୍ଟଯୋଷୀ ପ୍ରମୁଖ ଦାବି କରିଛନ୍ତି।

## ବର୍ଷାର ପ୍ରଭାବ



ବାତ୍ୟାଜନିତ ବର୍ଷାରେ ଖୋର୍ଦ୍ଧା ଜିଲା ବାଲୁଗାଁ ବ୍ଲକର ଏକ ଚାଷ ଜମିରେ ପାଚିଲା ଧାନ ପାଣିରେ ବୁଡି ରହିଛି।



ପୁରୀ ଜିଲା ବଳଙ୍ଗା ବଜାର ନିକଟ ଏକ ଚାଷଜମିରେ ଜଣେ ଚାଷୀ କ୍ଷତିଗ୍ରସ୍ତ ଧାନ ଫସଲ ଦେଖୁଛନ୍ତି।



ବାତ୍ୟା ଜୱାଦ ପ୍ରଭାବରେ ରବିବାର କଟକ ଯୋବ୍ରା ଆନିକଟ୍ ରାସ୍ତା ଶୁନ୍‌ଶାନ୍।



କୋଣାର୍କ।



ଭୁବନେଶ୍ୱର ଜଗନ୍ନାଥନଗରରୁ ବାଇପାସ୍‌କୁ ଯାଇଥିବା ରାସ୍ତାରେ ପାଣି ଜମିଛି।



କଟକ ଜିଲା କଣ୍ଟାପଡା ବ୍ଲକ।



ଭୁବନେଶ୍ୱର ଝାରପଡ଼ା ଓଭରବ୍ରିଜ ନିକଟରୁ କଟକ ରୋଡ଼ର ଦୃଶ୍ୟ।